



# ବଡ଼ ମେଡିକାଲରେ ପିଲା ଚୋର ଆତଙ୍କ

- ଅଜଣା ଲୋକଙ୍କ ପ୍ରବେଶ ଯୋଗୁଁ ବଢୁଛି ଚୋରି
- ରାତିରେ ବାହାର ଲୋକଙ୍କ କବ୍‌ଜାରେ ରହୁଛି ୱାର୍ଡ
- ପୁଲିସ ପକ୍ଷରୁ ଆରମ୍ଭ କରାଗଲା ସ୍ୱତନ୍ତ୍ର ଡ୍ରାଇଭ୍

କଟକ,୧୦।୪(ସମିସ)

ମଙ୍ଗଳବାର ରାତି ପ୍ରାୟ ୧୧ଟା ହେବ। ବଡ ମେଡିକାଲରେ ପିଲା ଚୋରି ହୋଇଥିବା ନେଇ ଖବର ଘୂରି ବୁଲିଥିଲା। ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ନିକଟରୁ ପିଲା ଚୋରି ହୋଇଛି ବୋଲି କିଛି ଲୋକ କହିଥିଲେ। ଏଭଳି ଖବର ପ୍ରଚାର ହେବା କ୍ଷଣି ମେଡିକାଲ ଫାଣ୍ଡି ପୁଲିସ ଘଟଣା ସ୍ଥଳକୁ ଆସି ତନାଘନା କରିଥିଲା। କିଛି ମିନିଟ ଭିତରେ ପିଲାଟିକୁ ଠାବ କରାଯାଇଥିଲା। ପୁଲିସର ପଚରାଉଚରାରୁ ଜଣାପଡିଥିଲା ଯେ, ଛୋଟ ପିଲାଟି ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ନିକଟରେ ବସିଥିଲା। ହେଲେ ସର୍ଜରୀ ୱାର୍ଡ ନିକଟରେ ବସିଥିବା ଜଣେ ବ୍ୟକ୍ତି ଶିଶୁକୁ କିଛି ପ୍ରଲୋଭନ ଦେଖାଇ ଡାକି ନେଇଥିଲା। ପୁଲିସ ପିଲାକୁ ଠାବ କରିବା ସହ ତାକୁ ଡାକି ନେଇଥିବା ଲୋକକୁ ମଧ୍ୟ ଚିହ୍ନଟ କରିଥିଲା। କିନ୍ତୁ ଏହା ପିଲା ଚୋରି ଘଟଣା ନଥିଲା ବୋଲି ସ୍ପଷ୍ଟ କରିଛନ୍ତି ମେଡିକାଲ ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ। ଅପରପାଶ୍ୱର୍ରେ ଏହି ଘଟଣା ପରେ ପୁଲିସ ମେଡିକାଲର ବିଭିନ୍ନ ସ୍ଥାନରେ ଶୋଇଥିବା ଲୋକଙ୍କୁ ଘଉଡାଇଥିଲା। ଯାହାକୁ ନେଇ ଅସନ୍ତୋଷ ମଧ୍ୟ ଦେଖାଦେଇଛି। ବିନା କାରଣରେ ପୁଲିସ ରୋଗୀ ସମ୍ପର୍କୀୟଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଛି ବୋଲି ଅଭିଯୋଗ ଉଠିଛି। ଯାହାକୁ ଫାଣ୍ଡି ଅଧିକାରୀ ଶ୍ରୀ ପ୍ରଧାନ ଖଣ୍ଡନ କରିଛନ୍ତି। ବଡ ମେଡିକାଲରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ରୋକିବାକୁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଏଥିରେ ରୋଗୀ ସମ୍ପର୍କୀୟଙ୍କୁ ହଇରାଣ କରାଯିବ ନାହିଁ। ବରଂ ବିନା କାରଣରେ ରାତି ଅଧରେ ମେଡିକାଲ ପରିସରକୁ ଆସୁଥିବା ଅସାଧୁ ଲୋକଙ୍କୁ ଚିହ୍ନଟ କରାଯିବ ବୋଲି ସେ କହିଛନ୍ତି।

ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ବଡ ମେଡିକାଲରେ ଚୋରି ଘଟଣା ବଢ଼ି ଚାଲିଛି। ମେଡିକାଲ ପରିସରସ୍ଥ ବିଭିନ୍ନ ସ୍ଥାନରୁ ବାଇକ, ସାଇକେଲ ଆଦି ଚୋରି ହେଉଛି। ସେହିପରି ୱାର୍ଡ ପରିସରରୁ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେବା ଯେପରି ଏକ ସାଧାରଣ ଘଟଣା ପାଲଟିଗଲାଣି। ପ୍ରତ୍ୟେକ ମାସରେ ମୋବାଇଲ ଚୋରି ହେବା ନେଇ ଅନେକ ଘଟଣା ସାମ୍ନାକୁ ଆସୁଛି। ତେବେ ପୁଲିସର କହିବା ମୁତାବକ, ମେଡିକାଲ ପରିସରରେ ରାତି ଅଧରେ କେବଳ ରୋଗୀ ସମ୍ପର୍କୀୟ ରହୁନାହାନ୍ତି। ସେମାନଙ୍କ ଭିତରେ କିଛି ଅସାଧୁ ଲୋକ ମଧ୍ୟ ଦେଖିବାକୁ ମିଳୁଛନ୍ତି। ବିଭିନ୍ନ ୱାର୍ଡ ସମ୍ମୁଖରେ ରୋଗୀ ସମ୍ପର୍କୀୟମାନେ ରାତିରେ ଶୋଇଯିବା ପରେ ସେମାନଙ୍କ ମୋବାଇଲ କିମ୍ବା ଅନ୍ୟ ଆସବାବପତ୍ର ଚୋରି କରି ଏମାନେ ଚାଲି ଯାଉଛନ୍ତି। ରୋଗୀ ସମ୍ପର୍କୀୟଙ୍କୁ ହଇରାଣ ହେବାକୁ ପଡୁଛି। ଏଣୁ ଏଥି ପ୍ରତି ପୁଲିସ ବିଶେଷ ଦୃଷ୍ଟି ଦେଇଛି। ବଡ ମେଡିକାଲରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। ପ୍ରତ୍ୟେକ ରାତିରେ ମେଡିକାଲ ପରିସରରେ ଶୋଉଥିବା ଲୋକଙ୍କୁ ଯାଞ୍ଚ କରାଯିବ। ସେମାନେ ଯଦି କୌଣସି ରୋଗୀ ସମ୍ପର୍କୀୟ ହୋଇଥିବେ ତାହେଲେ କୌଣସି ପଦକ୍ଷେପ ନିଆଯିବ ନାହିଁ। ନଚେତ୍ ସେମାନେ ବାହାର ଲୋକ ହୋଇଥିଲେ ତାଗିଦ କରି ବିଦା କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

• ଲୋକସେବକ ମଣ୍ଡଳ ଆଜୀବନ ସଦସ୍ୟ ପଦରୁ ନିଲମ୍ବନ ମାମଲା

# ନିରଞ୍ଜନ ରଥଙ୍କୁ ମିଳିଲାନି ଆଶ୍ୱସ୍ତି

**କଟକ, ୧୦।୪(ସମିସ):** ଲୋକସେବକ ମଣ୍ଡଳ ଆଜୀବନ ସଦସ୍ୟ ପଦରୁ ନିଲମ୍ବନ ସଂକ୍ରାନ୍ତ ମାମଲାରେ ହାଇକୋର୍ଟରୁ ନିରାଶ ହୋଇଛନ୍ତି ନିରଞ୍ଜନ ରଥ। ଜଷ୍ଟିସ୍ କେ.ଆର୍.ମହାପାତ୍ର ମାମଲାରୁ ଶୁଣାଣି କରି କଟକ ସିଭିଲ୍ ଜଜ୍ ସିନିଅର ଡ଼ିଭିଜନଙ୍କ ଆଦେଶକୁ କାଏମ ରଖିଛନ୍ତି। ଫଳତଃ ଶ୍ରୀ ରଥ ଲୋକସେବକ ମଣ୍ଡଳ କାର୍ଯ୍ୟନିର୍ବାହୀ ପରିଷଦ ବା ସାଧାରଣ ପରିଷଦ ବୈଠକରେ ଯୋଗ ଦେଇପାରିବେ ନାହିଁ। ଏହା ସହିତ ମାମଲାର ବିଚାର ନ ସରିବା ପର୍ଯ୍ୟନ୍ତ ଶ୍ରୀ ରଥଙ୍କ ସମ୍ପର୍କରେ କୌଣସି ନୀତିଗତ ନିଷ୍ପତ୍ତି ନ ନେବାକୁ ମଧ୍ୟ ଲୋକସେବକ ମଣ୍ଡଳକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ହୋଇଥିବା ଅନିୟମିତତା ସଂକ୍ରାନ୍ତ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ ମଧ୍ୟ ଅଦାଲତ ଶ୍ରୀ ରଥଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିମ୍‌ସାରରେ ଆର୍ଥିକ ଅନିୟମିତା ସଂକ୍ରାନ୍ତ ଅଭିଯୋଗ ଆଧାରରେ ଲୋକସେବକ ମଣ୍ଡଳ ସମ୍ବିଧାନର ଧାରା ୮ ଓ ୧୬ ଅନୁଯାୟୀ ଶ୍ରୀ ରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଲୋକସେବକ ମଣ୍ଡଳର ସଭାପତି ରାଜକୁମାର ଗତ ମାର୍ଚ୍ଚ ୨୯ ତାରିଖରେ ଶ୍ରୀ ରଥଙ୍କୁ ଆଜୀବନ ସଦସ୍ୟ ପଦରୁ ନିଲମ୍ବିତ କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀ ରଥ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ନୂଆବଜାର ଦୁର୍ଘଟଣା

# ଆଖି ବୁଜିଲା ସାଇ ପ୍ରିୟଦର୍ଶିନୀ

**କଟକ,୧୦।୪(ସମିସ):** ପାଖାପାଖି ଦୁଇ ମାସ ଧରି ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ସାଇ ପ୍ରିୟଦର୍ଶିନୀ ଆଖି ବୁଜିଛି। ଏସସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାର ମୃତ୍ୟୁ ଘଟିଛି। ଗତ ଫେବୃଆରୀରେ ନୂଆବଜାର ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୧୦ ବର୍ଷୀୟ ସାଇ ପ୍ରିୟଦର୍ଶିନୀ ଗୁରୁତର ଆହତ ହୋଇଥିଲା। ଦୁର୍ଘଟଣାରେ ସାଇ ପ୍ରିୟଦର୍ଶିନୀର ଡାହାଣ ହାତ ଓ ଗୋଟିଏ ଗୋଡ ନଷ୍ଟ ହୋଇଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ପ୍ରଥମେ ତା ହାତକୁ କାଟି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନଷ୍ଟ ହୋଇଯାଇଥିବା ଗୋଡକୁ ମଧ୍ୟ କାଟି ଦିଆଗଲା। ଏହାସତ୍ତ୍ୱେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସିନଥିଲା। ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସାଇ ପ୍ରିୟଦର୍ଶିନୀକୁ ବଞ୍ଚାଇ ହୋଇପାରିନାହିଁ। ପ୍ରକାଶଯୋଗ୍ୟ, ଗତ ଫେବୃଆରୀ ୧୭ରେ କନ୍ଦରପୁର କୋରପଦା ଗ୍ରାମର ଦୀପକ ରାଉତ(୪୯) ତାଙ୍କ ପତ୍ନୀ ସାରତି(୩୫) ଓ ଝିଅ ସାଇ ପ୍ରିୟଦର୍ଶିନୀ (୧୦) ମିଶି କଟକରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ପରଦିନ ଅର୍ଥାତ ୧୮ ତାରିଖ ପୂର୍ବାହ୍ନ ସାଢେ ୧୧ଟା ସମୟରେ ଦୀପକ ପତ୍ନୀ ଓ ଝିଅକୁ ଏକ ସ୍କୁଟିରେ ବସାଇ ଘରକୁ ଫେରୁଥିଲେ। ଏହି ସମୟରେ ନୂଆବଜାର ଛକ ନିକଟରେ ସମସ୍ତେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ସାରତିଙ୍କ ମୃତ୍ୟୁ ଘଟିଥିଲା ବେଳେ ସାଇ ପ୍ରିୟଦର୍ଶିନୀକୁ ଗୁରୁତର ଅବସ୍ଥାରେ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ସାଇ ପ୍ରିୟଦର୍ଶିନୀ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ପରେ ମଙ୍ଗଳାବାଗ ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବାଜଲତା ଦେଇଙ୍କ ସ୍ମୃତିଚାରଣ

**ନିଶ୍ଚିନ୍ତକୋଇଲି,୧୦।୪(ସମିସ):** ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ କଳାକାର ଅଭୟ ଦାସଙ୍କ ମାତୃଦେବୀ 'ଆଦର୍ଶ ମାଆ' ବାଜଲତା ଦେଇଙ୍କୁ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ବିରିବାଟି ହଂସଦଳ ଭଜନ ମଣ୍ଡଳୀ ଦ୍ୱାରା ଭାଗବତ ପାରାୟଣ, ଗୀତା ପାରାୟଣ ଓ ଭଜନ କୀର୍ତ୍ତନ କରାଯାଇଥିଲା। ସ୍ମୃତି ରକ୍ଷା ପାଇଁ ମା'ଙ୍କର ଏକ ପ୍ରତିମୂର୍ତ୍ତି ଅନାବରଣ ମଧ୍ୟ କରାଯାଇଥିବା ବେଳେ ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଶ୍ରୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଜଟାଧାରୀ ଆଶ୍ରମର ମୁଖ୍ୟ ପରିଚାଳକ ଅଶୋକ ସାମଲ, ମୁଖ୍ୟବକ୍ତା ଭାବେ ଗୀତିକବି ବିଶେଶ୍ୱର ମହାନ୍ତି, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଦାଶିଆ ସଂଘର ସଭାପତି ସୁଦର୍ଶନ ପରିଡ଼ା, ସମ୍ପାଦକ ଜଗନ୍ନାଥ ଦାସ, ପ୍ରଫୁଲ୍ଲ ଦାସ, ସୌରୀ ଦାସ, ହରିହର ଦାସ, ଅନାଦୀ ରାଉତ, ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କନିଷ୍ଠ ପୁତ୍ର ଉମେଶ ଦାସ ଧନ୍ୟବାଦ ଦେଇଥିଲେ।

# ଜନ୍ମମାଟିରୁ ପ୍ରଚାର ଆରମ୍ଭ କଲେ ପ୍ରକାଶ





**କଟକ,୧୦।୪(ସମିସ):** ବାରବାଟୀ କଟକ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ବୁଧବାର ତାଙ୍କ ପୈତୃକ ଘର ତଥା ଜନ୍ମସ୍ଥାନ ମାଛୁଆବଜାର (ୱାର୍ଡ ନଂ-୨୫)ରୁ ନିଜର ପ୍ରଚାର ପଦଯାତ୍ରା ଆରମ୍ଭ କରିଛନ୍ତି। ମାଛୁଆବଜାର ଆରାଧ୍ୟ ଦେବୀ ମା' ବାସନ୍ତୀ ଦୁର୍ଗାଙ୍କୁ ଦର୍ଶନ କରିବା ପରେ ଶ୍ରୀ ବେହେରା ପ୍ରଚାର ଆରମ୍ଭ କରିଥିଲେ। ପରେ ଅଞ୍ଚଳର ନିଜର ସଂପର୍କୀୟ, ଗୁରୁଜନଙ୍କ ଆର୍ଶିବାଦ ନେଇଥିଲେ। ଏହି ଅବସରରେ ସାହିର ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପଦଯାତ୍ରାରେ ଶ୍ରୀ ବେହେରାଙ୍କ ସହିତ ବିଜେଡି ନଗର ସଭାପତି ମଧୁସୂଦନ ସାହୁ, କର୍ପୋରେଟର ସତ୍ୟରାମ ସାହୁ, ବିଜେଡି ୱାର୍ଡ ସଭାପତି ସଞ୍ଜୀବ ସାହୁ, ପୂର୍ବତନ କର୍ପୋରେଟର ପାରୁଲ ଜୟସ୍ୱାଲ, ମହିଳା ଶାଖା ସଭାପତି ପ୍ରାଚୀ ମହାରଣା, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କାହାଳୀ ଓ ବିଜୁ କାହାଳୀଙ୍କ ସମେତ ୱାର୍ଡର ଶହ ଶହ ସଂଖ୍ୟାରେ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ। ଏଥି ସହିତ ଶ୍ରୀ ବେହେରା ୨୮ ଓ ୩୦ ନମ୍ବର ୱାର୍ଡରେ ପ୍ରଚାର କରିଥିଲେ। ୨୮ନଂ ୱାର୍ଡର କର୍ପୋରେଟର ବନଲତା ପ୍ରଧାନ, ୱାର୍ଡ ସଭାପତି ଜନସନ୍ ମହାପାତ୍ର, ୩୦ନଂ ୱାର୍ଡର କର୍ପୋରେଟର ରବିନାରାୟଣ ସାହୁ, ୱାର୍ଡ ସଭାପତି ସୁବ୍ରତ ମହାପାତ୍ର, କଟକ ଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ବିଜୁ ଯୁବ, ଛାତ୍ର, ମହିଳା ଦଳର ବହୁ କର୍ମୀ ସାମିଲ ହୋଇଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା: ୪ ଗିରଫ

କଟକ,୧୦।୪(ସମିସ)



କାଜିପାଟଣା ଅଞ୍ଚଳରେ ଜଣେ ଯୁବ ସାମ୍ବାଦିକଙ୍କୁ ଆକ୍ରମଣ କରିବା ଘଟଣାରେ ବୁଧବାର ୪ଜଣଙ୍କୁ ଗିରଫ କରିଛି କଟକ ସଦର ଥାନା ପୁଲିସ। ଅଭିଯୁକ୍ତ ମାନେ ହେଲେ, ଚନ୍ଦନ ପାଲ, କ୍ଷୀରୋଦ ପାଲ, ନନ୍ଦନ ପାଲ ଏବଂ ପ୍ରେମାନନ୍ଦ ପାଲ। ସମସ୍ତ ଅଭିଯୁକ୍ତଙ୍କ ଘର କାଜିପାଟଣା ଗ୍ରାମରେ। ଏହି ଘଟଣାରେ ଆହୁରି କିଛି ଦୁର୍ବୃତ୍ତ ସାମିଲ ଥିଲେ। ପୁଲିସର ତଦନ୍ତ ଚାଲିଥିବା ବେଳେ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ଅନୁମାନ କରାଯାଉଛି। ଘଟଣାରୁ ପ୍ରକାଶ ଯେ, ବାଲିମାଫିଆଙ୍କ ବିରୋଧରେ ଖବର ପ୍ରସାର କରିବାରୁ କଟକରେ କାର୍ଯ୍ୟରତ ଜଣେ ଯୁବ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ମଙ୍ଗଳବାର ରାତିରେ ଏଭଳି ନିନ୍ଦନୀୟ ଘଟଣା ଘଟିଥିଲା। ଗୁରୁତର ଭାବେ ଆହତ ହୋଇଥିବା ସାମ୍ବାଦିକ ଜଣକ ହେଲେ ଅରିଥ ମହାପାତ୍ର। ତାଙ୍କ ଘର କାଜିପାଟଣା ଅଞ୍ଚଳରେ। କାର୍ଯ୍ୟ ଶେଷ କରି ଘରକୁ ଫେରୁଥିବା ବେଳେ ୬/୭ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏମାନେ ସମସ୍ତେ ବାଲି ମାଫିଆ ବୋଲି ଅରିଥ କହିଥିଲେ। ଅରିଥଙ୍କ ମା' ରୁନୁବାଳା ମହାପାତ୍ର କଟକ ସଦର ଥାନାରେ ଏ ନେଇ ଏତଲା ଦେବା ପରେ ପୁଲିସ କେସ୍ ନଂ-୧୯୫, ଆଇପିସି ଧାରା ୩୪୧, ୨୯୪, ୩୨୩, ୩୨୫, ୩୦୭, ୫୦୬, ୩୪ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ସାମ୍ବାଦିକ ଅରିଥଙ୍କୁ ଆକ୍ରମଣ ଘଟଣାରେ କଟକ ସଦର ଥାନାର ଜନୈକ ଏଏସ୍‌ଆଇଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ହେଲେ ପୁଲିସ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ନେଇନାହିଁ।

# ସମ୍ବାଦପତ୍ର ବିକ୍ରେତାଙ୍କ ଅକାଳ ବିୟୋଗ



କଟକ,୧୦।୪(ସମିସ): ସମ୍ବାଦପତ୍ର ବିକ୍ରେତା ବୁଦ୍ଧଦେବ ଛାଟୋଇ (ମନୁ) ସତୀଚଉରା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଆହାତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଗତକାଲି ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। ତାଙ୍କ ଅକାଳ ବିୟୋଗରେ ସମ୍ବାଦପତ୍ର ବିକ୍ରେତା ମହଲରେ ଶୋକର ଛାୟା ଖେଳିଯାଇଛି। କାଠଗଡ଼ ସାହିରେ ତାଙ୍କ ଘର। ତାଙ୍କ ମା', ପତ୍ନୀ, ପୁତ୍ର, ଭାଇ ଓ ଭାଉଜଙ୍କ ସମେତ ପରିବାରବର୍ଗ ତଥା ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ତାଙ୍କ ଶେଷ ଦର୍ଶନ କରିଥିଲେ। ଖାନନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଭଣଜା ଅନନ୍ତ ନାରାୟଣ ଦାସ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ଖବର ଜାଣିବା ପରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘର ସଭାପତି ବିଜୟ କୁମାର ପଢ଼ିହାରୀ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ପ୍ରଦ୍ୟୁମ୍ନ ବିଷୋୟୀ, ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ଦୁର୍ଗାପ୍ରସାଦ ଛାଟୋଇ, ଦୀପ୍ତିରଞ୍ଜନ ପଟ୍ଟନାୟକ, ସୁବାଷ ପ୍ରଧାନ, ଶ୍ରୀନିବାସ ରେଡ୍ଡି, ସନ୍ତୋଷ ମହାନ୍ତି, ମାନସ ରଞ୍ଜନ ଦାସ, ମନୋରଞ୍ଜନ ଭୂୟାଁ, ସ୍ୱପ୍ନଜିତ ସାହୁ, କେ ବେଣୁ ରାଓ, ନଗେନ୍ଦ୍ର ସାହୁ, ଅଜୟ ବେହେରା, ସୁଶାନ୍ତ ବିଶ୍ୱାଳ, ବିଶ୍ୱନାଥ ହରିଚନ୍ଦନ, ସନ୍ତୋଷ ସାହୁ ଓ ପ୍ରବିର ଜେନା ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ରେଳବ୍ରିଜ ନିକଟରୁ ମୃତଦେହ ଉଦ୍ଧାର

**କଟକ,୧୦।୪(ସମିସ):** ଯୋବ୍ରା ରେଳ ବ୍ରିଜ ନିକଟରୁ ଜଣେ ଯୁବକର କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ମଙ୍ଗଳାବାଗ ମହଲ୍ଲାସାହିର ସ୍ୱର୍ଗତ ଦେବ କାହାଳୀଙ୍କ ପୁଅ ବିଶ୍ୱନାଥ କାହାଳୀ(୨୯)। କଟକ ଜିଆରପି ଶବ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କ ଜିମା ଦେଇଛି। ସୂଚନା ମୁତାବକ, ବୁଧବାର ସକାଳେ ଶିଖରପୁର ପାଶ୍ୱର୍ ରେଳଧାରଣାରେ ଜଣେ ଯୁବକର ଶବ ପଡି ରହିଥିଲା। ଏ ସମ୍ପର୍କରେ କଟକ ଜିଆରପିକୁ ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଥିଲା। ପରିବାର ଲୋକେ ମେଡିକାଲରେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ପାରିପାଶ୍ୱିର୍କ ସ୍ଥିତିରୁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଚଳନ୍ତା ଟ୍ରେନ ସାମନାକୁ ଡେଇଁ ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ଭୋର ପ୍ରାୟ ସାଢେ ୩ଟା ସମୟରେ ଅଘଟଣ ସ୍ଥଳରେ ବିଶ୍ୱନାଥ ବୁଲାବୁଲି କରୁଥିବା କିଛି ଲୋକ ଦେଖିଥିବା ନେଇ ଜିଆରପିକୁ ଜଣାଇଛନ୍ତି। ତେବେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଅପରାହ୍ନରେ ଏସସିବି ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଜିଆରପି ୨୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଆଜି ଇଦ୍ ଉଲ୍ ଫିତର

## ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଟକ,୧୦।୪(ସମିସ):** ଗୁରୁବାର ହେଉଛି ଇଦ୍ ଉଲ ଫିତର। ମୁସଲମାନ ସମ୍ପ୍ରଦାୟର ଏହି ପବିତ୍ର ପର୍ବ ପାଳନ ନିମନ୍ତେ କଟକ କମିଶନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସହରରେ ମୋଟ ୮ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏହାସହ ୧୨୩ କନେଷ୍ଟବଳ, ୪ ଜଣ ହାବିଲଦାର, ୫୦ ଜଣ ଏ ସ ଆ ଇ / ଏଏସଆଇ, ୨୩ ଏସଆଇ, ୯ ଜଣ ଏସିପିଙ୍କ ସହିତ ୪ ଜଣ ଏଡିସିପି ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ରହିବେ। ଏହା ବାଦ ସହରର ୪ ପ୍ରମୁଖ ମସଜିଦରେ ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେଠାରେ ୧୪ ଜଣ ଏସଆଇ, ୨ ଜଣ ହାବିଲଦାର, ୩୨ କନେଷ୍ଟବଳ, ୫ ସେକ୍ସନ ଫୋର୍ସ ମୁତୟନ କରାଯିବ। ସେହିପରି ପାଟ୍ରୋଲିଂ ପାଇଁ ଆର୍ମଡ ଫୋର୍ସରେ ୨୬ ଜଣ ଏସଆଇ, ୨ ଜଣ ହାବିଲଦାର, ୭୫ କନେଷ୍ଟବଳ, ୫ ସେକ୍ସନ ଫୋର୍ସ ରହିବେ। ଏଥିରେ ୭ ଜଣ ମହିଳା କନେଷ୍ଟବଳ ମଧ୍ୟ ସାମିଲ ରହିବେ। ଅନ୍ୟପକ୍ଷେ, ବିଭିନ୍ନ ମସଜିଦରେ ନମାଜ ପାଠ ସମୟରେ ଗହଳିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯିବ। ଏନେଇ ବୁଧବାର ଡିସିପିଙ୍କ ଅଫିସରେ ଅନୁଷ୍ଠିତ ବୈଠକରେ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥାର ସମୀକ୍ଷା କରାଯାଇଛି। କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ଥାନାୱାରୀ ପାଟ୍ରୋଲିଂକୁ କଡାକଡି କରିବାକୁ ଡିସିପି ପ୍ରକାଶ. ଆର ନିର୍ଦ୍ଦେଶ ଦେଇଛନ୍ତି।

# କଟକରେ ବିକାଶର ନୂତନ ନକ୍ସା ଅଙ୍କାଯିବ: ସଂତୃପ୍ତ

କଟକ,୧୦।୪(ସମିସ)



କଟକ ସଂସଦୀୟ କ୍ଷେତ୍ର କହିଲେ କେବଳ କଟକ ଜିଲ୍ଲା ନୁହେଁ। ପଡୋଶୀ ଜିଲ୍ଲାର କିଛି ଅଞ୍ଚଳ ମଧ୍ୟ ସଂଶ୍ଳିଷ୍ଟ ରହିଛି। ଏଣୁ ଯେଉଁଠି ସର୍ବାଙ୍ଗୀନ ବିକାଶର କଥା ଉଠୁଛି, ସେଠି ସଂସଦୀୟ କ୍ଷେତ୍ର ଅଧିନ ସମସ୍ତ ଅଞ୍ଚଳର ବିକାଶ ଦିଗରେ ଦୃଷ୍ଟି ଦିଆଯିବ। ଖଣ୍ଡପଡାବାସୀ ଯଦି କୌଣସି ସମସ୍ୟା ଦିଗରେ ଆଲୋକପାତ କରନ୍ତି, ସେ ଦିଗରେ ମଧ୍ୟ ପ୍ରାଧାନ୍ୟ ଦିଆଯିବ। କଟକରେ ବିକାଶର ଏକ ନୂତନ ନକ୍ସା ଅଙ୍କାଯିବ। ରାଜ୍ୟ ସରକାରଙ୍କ ଉଦ୍ୟମରେ ଚାଲିଥିବା ବିକାଶ ଯାତ୍ରାକୁ ବହୁଗୁଣିତ କରାଯିବ। ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ବୁଧବାର ସନ୍ଧ୍ୟାରେ ସାମ୍ବାଦିକମାନଙ୍କୁ ଭେଟିବା ଅବସରରେ ଏହି କଥା କହିଛନ୍ତି।

କଟକରେ ପର୍ଯ୍ୟଟନ ସ୍ଥଳର ବିକାଶ ଦିଗରେ ବିଶେଷ ଗୁରୁତ୍ୱାରୋପ କରିଥିଲେ ସାଂସଦ ପ୍ରାର୍ଥୀ ଶ୍ରୀ ମିଶ୍ର। ସେ କହିଥିଲେ ଯେ, ପର୍ଯ୍ୟଟନସ୍ଥଳର ବିକାଶ ହେଉଛି ଆର୍ଥିକ ସମୃଦ୍ଧିର ମନ୍ତ୍ର। ପର୍ଯ୍ୟଟନସ୍ଥଳ ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଦେଶ, ବିଦେଶର ପର୍ଯ୍ୟଟକ କଟକ ମୁହାଁ ହେବେ। ସେହିପରି କଟକ ସହରରେ ଫିଲିଗ୍ରୀ(ତାରକସୀ) ହବ୍ ନିର୍ମାଣ ଦିଗରେ ସେ ଗୁରୁତ୍ୱ ଦେଇଥିଲେ। ଦୁବାଇରେ ସୁନା ଅଳଙ୍କାର ହବ୍ ଅଛି। ଯାହାକି ସେ ସହରକୁ ଆକର୍ଷଣୀୟ କରି ପାରିଛି। କଟକରେ ଫିଲିଗ୍ରୀ ହବ୍ ହେଲେ ଶହ ଶହ ଅଳଙ୍କାର ଦୋକାନ ଗୋଟିଏ ସ୍ଥାନରେ ରହିବ। ଦେଶ ବାହାରରୁ ବ୍ୟବସାୟୀ ମଧ୍ୟ କଟକ ଆସିବେ। ଏହାଛଡ଼ା ବ୍ୟବସାୟିକ ପେଣ୍ଠସ୍ଥଳ ମାଲଗୋଦାମକୁ ବ୍ୟବସ୍ଥିତ ଢ଼ଙ୍ଗରେ ବିକାଶ କରିବାକୁ ଯୋଜନା ରହିଛି ବୋଲି ସାଂସଦ ପ୍ରାର୍ଥୀ ଶ୍ରୀ ମିଶ୍ର କହିଛନ୍ତି। ମାଣିଆବନ୍ଧ ପାଟ ବିଶ୍ୱବିଦିତ। ଚାରିଆଡେ ଏହାର ଚାହିଦା ରହିଛି। ଏଣୁ ମାଣିଆବନ୍ଧ ପାଟ ପ୍ରସ୍ତୁତି ଓ ବିକ୍ରି ବୃଦ୍ଧି କରିବା ଦିଗରେ ଗୁରୁତ୍ୱ ଦିଆଯିବା ସହ ଏହା ତିଆରି କରିବାର କଳା ହାସଲ ପାଇଁ ଶିକ୍ଷାନୁଷ୍ଠାନ ଖୋଲିବ। କଟକ ଯେହେତୁ ରାଜ୍ୟର ପୁରୁଣା ରାଜଧାନୀ। ଏହାର ଐତିହ୍ୟକୁ ରକ୍ଷା କରିବାକୁ ଯାଇ ରୂପରେଖ ବଦଳାଇ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ କଟକରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ, ଜାଇକା ପ୍ରକଳ୍ପ ଏବଂ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନବିଟି) ନିର୍ମାଣ ଦ୍ୱାରା କଟକବାସୀ ବହୁମାତ୍ରାରେ ଉପକୃତ ହୋଇଛନ୍ତି ଏବଂ ଆଗାମୀ ଭବିଷ୍ୟତରେ ମଧ୍ୟ ଉପକୃତ ହେବେ। ବିଜୁ ଜନତା ଦଳ ସରକାରରେ ଥିବା ସମୟରେ ଯେଉଁ ସବୁ ଉନ୍ନୟନମୂଳକ କାର୍ଯ୍ୟ କରିଛି, ତାହା ପୂର୍ବରୁ କେବେ ହୋଇ ନଥିଲା ବୋଲି ସେ ଜୋର୍ ଦେଇ କହିଛନ୍ତି। ଏହାଛଡ଼ା ରାଜନୀତିରେ ପ୍ରବେଶକୁ ନେଇ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ତାଙ୍କୁ ଆକୃଷ୍ଟ କରିଛି। ତେଣୁ ସେ ବିଜେଡିରେ ଯୋଗଦେଇ ସାଂସଦ ପ୍ରାର୍ଥୀ ହୋଇଛନ୍ତି। ଏଥି ସହ ସେ ରାଜନୀତି ପରିବାରରୁ ମଧ୍ୟ ଆସିଛନ୍ତି। ତାଙ୍କ ଦାଦା ମନମୋହନ ମିଶ୍ର ପୂର୍ବରୁ କଟକ ମ୍ୟୁନିସିପାଲିଟି ଚେୟାରମ୍ୟାନ ଥିଲେ। ଏଣୁ ରାଜନୀତି ତାଙ୍କ ପାଇଁ କୌଣସି ନୂଆ କଥା ନୁହେଁ ବୋଲି ସଂତୃପ୍ତ କହିଛନ୍ତି।

# କଟକ ସିଟି



## ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ପକ୍ଷରୁ ଇଫତାର ପାର୍ଟି



**କଟକ,୧୦।୪(ସମିସ):** କଟକ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ପକ୍ଷରୁ ଇଦ ଉପଲକ୍ଷେ ମୁସଲିମ ଭାଇମାନଙ୍କ ପାଇଁ ଏକ ଇଫତାର ପାର୍ଟିର ଆୟୋଜନ କରାଯାଇଛି। ଭାଇଚାରାର ସହର କଟକରେ ପ୍ରତିବର୍ଷ ମୁସଲିମ ଭାଇମାନଙ୍କ ପାଇଁ ଚାନ୍ଦିନୀଚୌକ ପୂଜା କମିଟି ଏଭଳି ଇଫତାର ପାର୍ଟି ଆୟୋଜନ କରିଥାଏ। ଚଳିତ ବର୍ଷ ଆୟୋଜିତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ମୁସଲିମ ଭାଇମାନେ ଯୋଗଦେଇଥିଲେ। କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ସଭାପତି ରମେଶ ବେହେରା ଓ ସମ୍ପାଦକ ସୁଶାନ୍ତ ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ ନିଶାର, ଅକିଲ ଅଲ୍ଲି, ଏସକେ ଭୋଲ୍ଲା, ଝୁନା, ଏସକେ ନାଜିର, ଏସକେ ଜନି, ବଚା ବାବୁ, ରିଆଜ ଖାନ ଓ ୱାଲା ପ୍ରମୁଖ ମୁସଲିମ୍ ଭାଇମାନଙ୍କ ପକ୍ଷରୁ ଉପସ୍ଥିତ ଥିଲେ। ଚାନ୍ଦିନୀଚୌକ ପୂଜା କମିଟି କର୍ମକର୍ତ୍ତା ଲୋକନାଥ ଦାସ, ମନୋଜ ବେହେରା, ଶୁଭଙ୍କର ପାଣି, ନିରଞ୍ଜନ ବେହେରା, ବିଜୟ ଦଳେଇ, ଅକ୍ଷୟ ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହିନ୍ଦୁ ନବବର୍ଷ ପାଳିତ



**କଟକ,୧୦।୪(ସମିସ):** ନେତାଜୀ ଯୋଗ ଶିକ୍ଷାକେନ୍ଦ୍ରରେ ସାଇ ତ୍ରିନାଥ ନୀଳଚକ୍ର ଯୋଗ ଅନୁଷ୍ଠାନ ତରଫରୁ ଯୋଗ ଗୁରୁ ସାଗରିକା ଜେନାଙ୍କ ନେତୃତ୍ୱରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ହିନ୍ଦୁ ମାନଙ୍କର ଅମୂଲ୍ୟ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ଗୀତା ଆବୃତ୍ତି ସହିତ ବଣ୍ଟନ କରାଯାଇଥିଲା। ଓଡିଆ ବଜାର ପ୍ରାଥମିକ ବିଦ୍ୟାଳୟରେ ଛୋଟ ପିଲାଙ୍କୁ ଗୀତାର ମହାତ୍ମ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ନବବର୍ଷର ସ୍ୱାଗତ ପୂର୍ବକ ଦୀପଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୀପ୍ତିମୟୀ ବେହେରା, ମିନାରାଣୀ ବାରିକ, ସୁଜାତା ବେହେରା, କନକଲତା ସେଠୀ, ମୀନତୀ ସେଠୀ, ପ୍ରମିଳା ଭଉଣୀ, ବର୍ଷା ସେଠୀ ପ୍ରମୁଖ ଅନେକ ମହିଳା ସହଯୋଗ କରିଥିଲେ।

## ଶ୍ରୀରାମଙ୍କ ରାଜ୍ୟାଭିଷେକ ଦିବସ ପାଳିତ

**କଟକ,୧୦।୪(ସମିସ):** ବିଶ୍ୱ ସତ୍ୟ-ସନାତନ-ଧର୍ମ ପ୍ରଚାରିଣୀ ମହାସଂଘ କଳକୀ ସେନା ପକ୍ଷରୁ ପ୍ରଭୁ ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ ପ୍ରତିଷ୍ଠିତ ଶ୍ରୀରାମ ମନ୍ଦିରରେ ବ୍ରହ୍ମାଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ସୃଷ୍ଟି ପ୍ରତିଷ୍ଠା ଓ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ରାଜ୍ୟାଭିଷେକ ଦିବସ ପାଳନ କରାଯାଇଛି। ପ୍ରାରମ୍ଭରେ କଳକୀ ସେନାର କେନ୍ଦ୍ରୀୟ ଅଧ୍ୟକ୍ଷ ଶିକ୍ଷାବିତ ପ୍ରଫେସର ଡ. ଜ୍ଞାନଗୁରୁ ଦାସ ଶ୍ରଦ୍ଧାଳୁଙ୍କୁ ସମ୍ବୋଧିତ କରିଥିଲେ। ପାରାୟଣ କାର୍ଯ୍ୟକୁ ବିଶିଷ୍ଟ ପଣ୍ଡିତ ରାବଣା ରାଓ, ପଣ୍ଡିତ ହୃଷିକେଶ ପଣ୍ଡା, ପଣ୍ଡିତ ଅଜୟ ପଣ୍ଡା ଓ ପଣ୍ଡିତ ନିରାକାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଆଇନଜୀବୀ ଏସ. ପିନାକୀନ, ଅଶୋକ ସେନାପତି, ବିଶ୍ୱପ୍ରକାଶ ଦାଶ, ପ୍ରଫେସର ସବିତାବାଳା ଆଚାର୍ଯ୍ୟ, ସସ୍ମିତା ଦାସ, ଆଇନଜୀବୀ ବିଶ୍ୱଜିତା ଜେନା, ଡାକ୍ତର ଅନିନ୍ଦିତା ମହାପାତ୍ର, ଶକ୍ତିସ୍ୱରୂପା ଦାସ ଓ ପ୍ରାପ୍ତିକର ମହାପାତ୍ର ପରିଚାଳନାରେ ସହାୟତା କରିଥିଲେ। ଲକ୍ଷ୍ମୀସ୍ୱରୂପା ଦାସ ଧନ୍ୟବାଦ ଦେଇଥିଲେ।

## କୃଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ

**କଟକ,୧୦।୪(ସମିସ):** ଗତକାଲି ସକାଳ ୯ ଘଟିକା ସମୟରେ କୃଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲରେ ନାଦନିନାଦ ଅନୁଷ୍ଠାନ ତରଫରୁ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଛନ୍ତି ଅନୁଷ୍ଠାନର ଶିଳ୍ପୀମାନେ। ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓଙ୍କ ମାର୍ଗଦର୍ଶନରେ ଦେବସ୍ମିତା ମିଶ୍ର, ସୁଭାଷିନୀ ପାତ୍ର, ରିତିକା ସ୍ୱାଇଁ, ଗୋପାଳକୃଷ୍ଣ ସାହୁ, ଆଶିଷ କୁମାର ସାହୁ ଓ ଅହନ୍ ବିକ୍ରମ ପ୍ରମୁଖ କଳାକାରମାନେ ରାଗ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଶ୍ରୀ ଏ ନାରାୟଣ ରାଓ ହାରମୋନିୟମରେ ଓ ଗୁରୁ ଶ୍ରୀ ଯୋଗେନ୍ଦ୍ର ସ୍ୱାଇଁ ତବଲାରେ ସହଯୋଗ କରିଥିଲେ। ବିଦ୍ୟାଳୟର ମୁଖ୍ୟ ପରିଚାଳକ ଡ. ଜିଏସ ପଟ୍ଟନାୟକ, ଅଧ୍ୟକ୍ଷ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାରବାଟୀ-କଟକ ରାଜନୀତି ଉଷ୍ମ

# ନିର୍ବାଚନ ଲଢ଼ିବା ନେଇ ମୋକିମଙ୍କ ବଢ଼ିଲା ଅଡୁଆ

**କଟକ,୧୦।୪(ସମିସ)**

ଓଡ଼ିଶା ହାଇକୋର୍ଟଙ୍କ ରାୟ ପରେ ବାରବାଟୀ-କଟକ ରାଜନୀତି ବେଶ୍ ଉଷ୍ମ ହୋଇଛି। ଓଆରଏଚଡିସି ଋଣ ଦୁର୍ନୀତି ମାମଲାରେ ବାରବାଟୀ-କଟକର ବିଧାୟକ ତଥା ମେଟ୍ରୋ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ଇଂ ମହମ୍ମଦ ମୋକିମଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ୩ବର୍ଷ ଜେଲଦଣ୍ଡକୁ ହାଇକୋର୍ଟ କାଏମ ରଖିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୮,ଉପଧାରା ୧,୨ ଓ ୩ରେ ବିଧାୟକ ,ସାଂସଦ ଯଦି କୋ÷ଣସି ଅଦାଲତରେ ୨ବର୍ଷରୁ ଅଧିକ କାରାଦଣ୍ଡରେ ଦଣ୍ଡିତ ହୋଇଥିବେ ତାହେଲେ ସଦସ୍ୟତା ରଦ୍ଦ ହେବ। ହେଲେ ଏହି ଆଇନର ଧାରା୮ ତଥା ଉପଧାରା-୪ରେ ଜନପ୍ରତିନିଧିଙ୍କ ପାଇଁ ଯେଉଁ ସୁରକ୍ଷା ବ୍ୟବସ୍ଥା ଥିଲା ତାହାକୁ ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ରଦ୍ଦ କରିଥିଲେ। ଏପରିକି ଦଣ୍ଡିତ ଜନପ୍ରତିନିଧି ଦଣ୍ଡ ଭୋଗ କରିବା ପରେ ୬ବର୍ଷ ପର୍ଯ୍ୟନ୍ତ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଲିଲି ଥୋମାସ ବନାମ ଭାରତ ସରକାର ମାମଲାରେ ଗତ ୨୦୧୩ଜୁଲାଇ ୧୦ରେ ମଧ୍ୟ ରାୟ ଦେଇଥିଲେ ସର୍ବୋଚ୍ଚ ଅଦାଲତ। ଏପରିକି ସୁପ୍ରିମକୋର୍ଟଙ୍କ ରାୟ ପରେ ଦେଶରେ ଜୟଲଳିତା ଓ ଲାଲୁ ଯାଦବଙ୍କ ଭଳି ନେତାଙ୍କ ସମେତ ଅନେକ ବିଧାୟକ,ସାଂସଦ ସେମାନଙ୍କ ପଦ ହରାଇଥିବାର ନଜିର ରହିଛି। ଯଦିଓ ମୋକିମଙ୍କ ବିଧାୟକ କାର୍ଯ୍ୟକାଳ ଶେଷ ହେବାକୁ ବସିଛି କିନ୍ତୁ ନିର୍ବାଚନ ଲଢିବା ପ୍ରସଂଗକୁ ନେଇ ଅଡୁଆରେ ପଡିଛନ୍ତି ମୋକିମ। ନିର୍ବାଚନ ମୁଣ୍ଡ ଉପରେ ଥିବା ବେଳେ ମୋକିମ ନିର୍ବାଚନରେ ଅଂଶଗ୍ରହଣ ପାଇଁ ଏକ ପ୍ରତିବନ୍ଧକ ଦେଖାଦେଇଛି। ତେବେ ତାଙ୍କ ପାଖରେ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିବାର ସୁଯୋଗ ମଧ୍ୟ ରହିଛ; କିନ୍ତୁ ସୁପ୍ରିମକୋର୍ଟରେ ଆବେଦନ କରି ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଆଣିପାରିଲେ ହୁଏତ ମୋକିମଙ୍କୁ ଆଶ୍ୱସ୍ତି ମିଳିପାରେ ବୋଲି କୁହାଯାଉଛି। ମୋକିମ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ ଉଚ୍ଚନ୍ୟାୟାଳୟର ରାୟକୁ ସମ୍ମାନ କରୁଛନ୍ତି। ଏହା ତାଙ୍କର ଏକ ଆଇନଗତ ଲଢେଇ। ଆଇନର ବ୍ୟବସ୍ଥା ଭିତରେ କ'ଣ କରିହେବ ତାହା ତର୍ଜମା କରୁଛନ୍ତି। ନିଜ ଓକିଲଙ୍କ ସହ ପରାମର୍ଶ ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି କହିଛନ୍ତି ମୋକିମ।

ଅନ୍ୟପଟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ ନିମ୍ନ ଅଦାଲତ ତାଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହାକୁ କାଏମ ରଖିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଓ ଜନପ୍ରତିନିଧି ଆଇନ ଅନୁସାରେ ସେ ନିର୍ବାଚନ ଲଢିପାରିବେ ନାହିଁ ବୋଲି କହିଛନ୍ତି ଶ୍ରୀ ସାମନ୍ତରାୟ। ଗୋଟିଏପଟରେ ବାରବାଟୀ-କଟକରେ ମୋକିମ ବେଶ୍ କିଛିଦିନ ଧରି ପ୍ରଚାର କାର୍ଯ୍ୟ ଚଳାଇ ଆସୁଥିଲେ। ଏବେ ଦୋଷୀ ସାବ୍ୟସ୍ତ ହେବା ପରେ ଦଳ ତାଙ୍କୁ ଏଠାରୁ ପ୍ରାର୍ଥୀ ନ କରିପାରେ।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର




**କଟକ,୧୦।୪(ସମିସ)**

ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀବାହିନୀ ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଏକ ବୃହତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଦୀପା ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରକୁ କଲେଜ ପରିଚାଳନା କମିଟିର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ ଉଦଘାଟନ କରିବା ସହ ସେନାବାହିନୀର ଅବସରପ୍ରାପ୍ତ ସେନା ଅଧିକାରୀ କର୍ଣ୍ଣେଲ (ଡକ୍ଟର) ସୌମ୍ୟ ପ୍ରକାଶ ଓତା ଯୋଗଦେଇଥିଲେ। ଜିଲ୍ଲା ଆଶୁ ଚିକିତ୍ସା ଅଧିକାରୀ ବିକାଶ ଦାଶ, ପୂର୍ବତନ କନିଷ୍ଠ ଯୁବ ରେଡକ୍ରସ୍ ଅଧିକାରୀ ମିହିର କୁମାର ପରିଡା ଯୋଗଦେଇ ଏହି ମହତ୍ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ଶିବିରରେ ୧୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କଟକ ଜିଲ୍ଲା ଯୁବ ରେଡ଼କ୍ରସର ସଂଯୋଜିକା ଡକ୍ଟର ସସ୍ମିତା ପଟ୍ଟନାୟକ ଓ ଏନସିସି ଅଧିକାରୀ କ୍ୟାପଟେନ ଅକ୍ଷୟ କୁମାର ଦାଶ, କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର କର୍ମଚାରୀମାନେ ଉକ୍ତ ଶିବିରକୁ ପରିଚାଳନା କରିଥିବା ବେଳେ ଡକ୍ଟର ସ୍ମିତା ମହାନ୍ତି, ରଜତି ରାଉତ, ମହାବିଦ୍ୟାଳୟର ସମସ୍ତ ଏନସିସି କ୍ୟାଡେଟ ଓ ଯୁବ ରେଡକ୍ରସ୍‌ର ସମସ୍ତ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଅଧ୍ୟକ୍ଷା ଡକ୍ଟର ନାଗ ଉକ୍ତ ଶିବିରରେ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ସୁସ୍ଥ ଓ ନିରୋଗ ଭବିଷ୍ୟତ କାମନା କରିଥିଲେ।

## କାମଳ ଆକ୍ରାନ୍ତ ଅଞ୍ଚଳ ପରିଦର୍ଶନ କଲେ କଂଗ୍ରେସ କର୍ପୋରେଟର

**କଟକ,୧୦।୪(ସମିସ):** କଂଗ୍ରେସ କର୍ପୋରେଟମାନଙ୍କ ଏକ ପ୍ରତିନିଧି ଦଳ କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ନେତୃତ୍ୱରେ ରାଜେନ୍ଦ୍ର ନଗର କାମଳ ଆକ୍ରାନ୍ତ ଅଞ୍ଚଳ ପରିଦର୍ଶନ କରି ଜଣ୍ଡିସ ହୋଇଥିବା ପରିବାର ଲୋକଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ରାଜେନ୍ଦ୍ର ନଗର ଅଞ୍ଚଳରେ ଏବେ କାମଳ ରୋଗ ବ୍ୟାପିବାରେ ଲାଗିଛି। ୱାଟକୋ ବିଶୁଦ୍ଧ ପାନୀୟଜଳ ଯୋଗାଣର ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଦୀର୍ଘ ଦିନ ହେବ ଦୂଷିତ ଜଳ ଆସୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ୱାଟକୋ କର୍ତ୍ତୃପକ୍ଷଙ୍କ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ଶ୍ରୀ ଭୋଳ କହିଥିଲେ। କର୍ପୋରେଟର ଶୁବାଶିଷ ପଟ୍ଟନାୟକ, କେ କାମେଷ ରାଓ,



ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ପିସିସି ସାଧାରଣ ସଂପାଦକ ପ୍ରିୟଜିତ ରାୟ, ପିସିସି ମୁଖପାତ୍ର ଜିନେଶ ଦାସ, ସୁକାନ୍ତ ସାହାଣି, ରଶ୍ମିରଞ୍ଜନ ମହାପାତ୍ର, ପ୍ରତାପ ପରିଡା, ଅଜୟ ଗୋଛାୟତ, ଦିଲ୍ଲୀପ ନାୟକ, ଅଜୟ ଦାସ, ଦୀପକ ସାହୁ, ବିରେନ ପଶାୟତ, ମାନବେଶ ପରିଡା, ଶଶିକାନ୍ତ ଆଚାର୍ଯ୍ୟ, ରୋହିତ ସ୍ୱାଇଁ, ସୁଜାତା ଦାସ, ପୁଷ୍ପାଞ୍ଜଳି ଦାସ, ଅନପୂର୍ଣ୍ଣା ସୂତାର, ଗୋବିନ୍ଦ ଲେଙ୍କା, ରବି ନାରାୟଣ ନାୟକ, ପ୍ରେମ ବାହାଦୁର, ରୁଦ୍ର ପ୍ରତାପ ଶତପଥୀ, ସତ୍ୟଜିତ ଭୋଇ, ସମ୍ବିତ ଦାସ, ଅଭିଜିତ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବିଜେଡି ୩୨ ନଂ ଜୋନର କର୍ମୀ ସମ୍ମିଳନୀ

**ବାରଙ୍ଗ,୧୦।୪(ସମିସ)**

ବାରଙ୍ଗ ବ୍ଲକ ୩୨ନଂ ଜୋନ ବିଜେଡି ପକ୍ଷରୁ ବୁଧବାର ଫୁଲପୋଖରୀ ସ୍ଥିତ ଏକ ମଣ୍ଡପରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତ୍ରିଶୂଳିଆ ଛକ ଠାରୁ କଟକ ସାଂସଦ ପ୍ରାର୍ଥୀ ଡ. ସଂତ୍ରୁପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଏକ ବିଶାଳ ବାଇକ ରାଲିରେ ବାରଙ୍ଗ ସୀତାରାମ ବଜାର ହୋଇ ଫୁଲପୋଖରୀ ସ୍ଥିତ ଏକ ଘରୋଇ ମଣ୍ଡପରେ ପହଞ୍ଚିବା ପରେ






ସେଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବାରଙ୍ଗ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ଡମପଡା ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ରାଉତ, ସନ୍ତୋଷ ରଣା, ତପନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ସାଂସଦ ଓ ବିଧାୟକଙ୍କୁ ବିପୁଳ ସଂଖ୍ୟକ ଭୋଟରେ ବିଜୟୀ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ବହୁ କର୍ମୀ, ମୁରବି ଓ ସ୍ଥାନୀୟ ଲୋକପ୍ରତିନିଧି ଯୋଗଦେଇଥିଲେ।

### ଅନନ୍ତେଶ୍ୱର ମନ୍ଦିର ରକ୍ଷଣାବେକ୍ଷଣ ପ୍ରସଙ୍ଗ

# ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୦।୪(ସମିସ)**



କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜି ଭାବେ ଘୋଷିତ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଭଗବାନପୁର ଅଞ୍ଚଳର ଅନନ୍ତେଶ୍ୱର ମନ୍ଦିରର ପରିସୀମା ଚିହ୍ନଟ ଓ ରକ୍ଷଣାବେକ୍ଷଣ ପ୍ରସଙ୍ଗରେ ରହିଥିବା ପୂର୍ବ ନିର୍ଦ୍ଦେଶ ଅନୁପାଳନ ହୋଇ ନ ଥିବା ନେଇ ରୁଜୁ ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଉକ୍ତ କୀର୍ତ୍ତିରାଜିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏଏସଆଇ (ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଧରଣୀଧର ନନ୍ଦଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ସପ୍ତାହ ଭିତରେ ଏଏସଆଇ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ କେନ୍ଦ୍ର ସରକାରଙ୍କ ୨୦୧୫ ସେପ୍ଟେମ୍ବର ୨୫ର ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଅନନ୍ତେଶ୍ୱର ମହାଦେବ ମନ୍ଦିରକୁ କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜି ଭାବରେ ଘୋଷିତ କରାଯାଇଥିଲା। ତେଣୁ ୨୦୧୬ ଜୁନ ୩୦, ୨୦୧୭ ଅଗଷ୍ଟ ୮ ଓ ୨୦୨୮ ଜୁନ ୨୯ରେ ଏହି ମନ୍ଦିରର ମିଳିତ ଯାଞ୍ଚ ଓ ସୀମା ଚିହ୍ନଟ ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଏଏସଆଇ ପକ୍ଷରୁ ଚିଠି କରାଯାଇଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଏଏସଆଇ ଅଧୀକ୍ଷକ ପୁନର୍ବାର ୨୦୧୮ ନଭେମ୍ବର ୨୮ରେ ଚିଠି କରିଥିଲେ। କିଛି ପଦକ୍ଷେପ ନିଆ ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ଗତ ୨୦୨୦ ଡିସେମ୍ବର ୮ରେ ଉପରୋକ୍ତ ମନ୍ଦିର ସୀମାଙ୍କନ କାର୍ଯ୍ୟ କରିବା ପାଇଁ କଟକ ଜିଲ୍ଲାପାଳ ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ଷାଧିକ କାଳ ଅତିକ୍ରାନ୍ତ ପରେ କିଛି ପଦକ୍ଷେପ ନିଆ ନ ଯିବା ତଥା ମନ୍ଦିର ଜାଗା ଜବରଦଖଲ ବଢିବା ନେଇ ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆସନ୍ତା ମେ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

## ଲଉଡ଼ି ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**କଟକ,୧୦।୪(ସମିସ):** ଗୋପାଳପୁର ବେହେରା ସାହିର ଯାଦବ ସମିତି ଆନୁକୂଲ୍ୟରେ ଲଉଡ଼ି ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସାହିର ସମସ୍ତ ମୁରବି ଓ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଲଉଡ଼ି ଖେଳ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଲେଖକ ଲିଲି ଦାସ ଏବଂ ରଞ୍ଜିତ ମହାରଣାଙ୍କ ନିର୍ଦ୍ଦେଶନାରେ ସାହିର ଯୁବ କଳାକାର ଦ୍ୱାରା ସାମାଜିକ ନାଟକ "ହେ ଈଶ୍ୱର ତୁମକୁ କୋଟି' ନମସ୍କାର ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ମହାପାତ୍ର, ରଞ୍ଜନ ପାଲ୍, ପ୍ରମୋଦ ମହାପାତ୍ର, ନଳିନୀ ସେନାପତି, ଦିଲୀପ ସ୍ୱାଇଁ, ଯୁଧିଷ୍ଠିର ଦାସ ଯୋଗଦେଇଥିଲେ। ଅନିଲ ବେହେରା, ବାପୁ ବେହେରା, ହରିଚନ୍ଦନ ଦାସ, ଅମୀୟ ବେହେରା, ଶିବପ୍ରସାଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



# ଓସିଏଲ୍ ଫାଟକରେ ଉତ୍ତେଜନା

● ସୁରକ୍ଷାକର୍ମୀଙ୍କ ମାଡ଼ରେ ବିଜେଡି ନେତା ଆହତ



**ଟାଙ୍ଗୀ,୧୦।୪(ସମିସ):** ସ୍ଥାନୀୟ ନିଯୁକ୍ତିକୁ କେନ୍ଦ୍ରକରି କଟକ ଜିଲ୍ଲା ଟାଙ୍ଗୀ ଥାନାଞ୍ଚଳରେ ସ୍ଥାପିତ ସିମେଣ୍ଟ କମ୍ପାନୀ ଓସିଏଲ ଫାଟକରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ସୁରକ୍ଷାକର୍ମୀଙ୍କ ମାଡ଼ରେ ସ୍ଥାନୀୟ ନେତା ତଥା କଟକ ଜିଲ୍ଲା ବିଜେଡି ଯୁବ ସମ୍ପାଦକ ମନୋରଞ୍ଜନ ବେହେରା ଗୁରୁତର ହୋଇଛନ୍ତି। ତାଙ୍କର ବାମହାତ ପାପୁଲି ତଥା ଆଙ୍ଗୁଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଆବଶ୍ୟକ ପଡ଼ିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ନିଯୁକ୍ତିକୁ କେନ୍ଦ୍ରକରି ପୂର୍ବରୁ ସ୍ଥାନୀୟ ବାସିନ୍ଦା ଓ କମ୍ପାନୀ କର୍ମକର୍ତ୍ତାଙ୍କ ମଧ୍ୟରେ ବହୁବାର ଆଲୋଚନା ହୋଇଥିଲେ ହେଁ କମ୍ପାନୀ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ଉକ୍ତ ବିଷୟରେ ପୁନଃ ଆଲୋଚନା ନିମନ୍ତେ ଶ୍ରୀ ବେହେରା ଓ ତାଙ୍କର କିଛି ସମର୍ଥକ କମ୍ପାନୀ ଫାଟକରେ ପହଞ୍ଚିଥିଲେ। ମାତ୍ର ସୁରକ୍ଷାକର୍ମୀ ଭିତରକୁ ପ୍ରବେଶ ଅନୁମତି ନ ଦେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଫଳସ୍ୱରୂପ ଶ୍ରୀ ବେହେରା ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଖବରପାଇ ବିଶ୍ୱାଳୀ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲାବେଳେ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

# ବୃଦ୍ଧାଙ୍କ ସୁନା ଅଳଙ୍କାର ଲୁଟ୍

**ନିଶ୍ଚିନ୍ତକୋଇଲି,୧୦।୪(ସମିସ):** ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ସ୍ୱର୍ଗତ ମହେଶ୍ୱର ମହାପାତ୍ରଙ୍କ ପତ୍ନୀ ବୃଦ୍ଧା କାଞ୍ଚନ ମହାପାତ୍ରଙ୍କ ଠାରୁ ବୁଧବାର ପୂର୍ବାହ୍ନରେ ଦୁଇ ଜଣ ଦୁର୍ବୃତ୍ତ ୪୦ଗ୍ରାମର ସୁନା ଅଳଙ୍କାର ଲୁଟ କରି ନେଇଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବୃଦ୍ଧାଙ୍କ ଘରେ ଲାଗିଥିବ ସିସିଟିଭି ଫୁଟେଜକୁ ପୁଲିସ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ମିଳି ନ ଥିବା ଜଣାଯାଇଛି। ଅଭିଯୋଗ ଅନୁସାରେ ଦିନ ୧୧ଟାରେ ଦୁଇ ଜଣ ଯୁବକ ଘରକୁ ଆସି ପୁରୁଣା ଅଳଙ୍କାର ସଫେଇ ପାଇଁ କହିଥିଲେ। ବୃଦ୍ଧଙ୍କ ନିକଟରେ ଥିବା ୩୫ଗ୍ରାମର ଏକ ପୁରୁଣା ସୁନା ହାର ଓ ୫ଗ୍ରାମର ଏକ ସୁନା ମୁଦି ସଫେଇ କରିବା ପାଇଁ ଦେଇଥିଲେ। ସଫେଇ କରୁଥିବା ସମୟରେ ଏହି ଦୁଇଜଣ ପାଣି ପିଇବାକୁ ବୃଦ୍ଧାଙ୍କୁ ମାଗିଥିଲେ। ବୃଦ୍ଧା ଜଣକ ପାଣି ପାଇଁ ଘରକୁ ଯାଇଥିବାବେଳ ଦୁଇ ଦୁର୍ବୃତ୍ତ ସୁନା, ଅଳଙ୍କାର ନେଇ ଚମ୍ପଟ ମାରିଥିଲେ।

# ଦାଦାବଟିକୁ ନେଇ ଗୁଳିକାଣ୍ଡ; ଜଣେ ଗୁରୁତର



**ଆଠଗଡ଼, ୧୦।୪(ସମିସ):** ଅପରାହ୍ନରେ ଆଠଗଡ଼ ଥାନା ଅନ୍ତର୍ଗତ ମହୀଧରପୁର ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଦାଦାବଟିକୁ ନେଇ ଗୁଳିମାଡ଼ ହୋଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହାତ ହୋଇଥିବା ଜଣାପଡ଼ିଛି। ଖୁଣ୍ଟକଟା ପଞ୍ଚାୟତ ମହୀଧରପୁର ଗ୍ରାମର ବୀରବର ପଲେଇଙ୍କ ପୁଅ ବିଶ୍ୱଜିତ (୨୬)ଙ୍କୁ ସେହି ଗ୍ରାମର ମେଘନାଦ ପଲେଇଙ୍କ ପୁଅ ଦିଲୁ (୩୦) ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ବିଶ୍ୱଜିତ ବୁଧବାର ଅପରାହ୍ନରେ ନିଜର ଟ୍ରାକ୍ଟରରେ ଏକ ବିଲରୁ ମାଟି ଉଠାଇ ଜଣଙ୍କ ବିଲରେ ପକାଉଥିବା ବେଳେ ଦିଲୁ ଏକ କାରରେ ନିଜର ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ବଟି ମାଗିଥିଲା। ବଚସା ହେବା ପରେ ଦିଲୁ ଏକ ବନ୍ଧୁକ ବାହାର କରି ବିଶ୍ୱଜିତ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ବିଶ୍ୱଜିତଙ୍କ ଡାହାଣ ପେଟ ପାଖରେ ବାଜିଥିଲା। ଗୁଳିମାଡ଼ କରି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଗୁରୁତର ଆହତ ବିଶ୍ୱଜିତଙ୍କୁ ତୁରନ୍ତ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ଆଠଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାମରେ ଲାଗୁନି ଆବର୍ଜନା କୁଣ୍ଡ

# କେଉଁଠି ତାଲା ତ କେଉଁଠି ଖୋଲା

କଣ୍ଟାପଡା,୧୦।୪(ସମିସ)

### ପ୍ରଶାସନିକ ଅବହେଳା ମୁଖ୍ୟ କାରଣ

ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ "ଦେଶର ଆତ୍ମା ଗାଁରେ ଅବସ୍ଥିତ। ଗ୍ରାମର ବିକାଶ ହୋଇପାରିଲେ ଦେଶର ବିକାଶ ହୋଇପାରିବ। ପରିଚ୍ଛନ୍ନତା ଆମ ସଂସ୍କୃତିର ପରିଚୟ'। ଗାନ୍ଧୀଙ୍କ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନିକ ଅବହେଳା ହେଉ ବା ଖାମଖିଆଲ ନୀତି ଯୋଗୁଁ ହେଉ ଜନସାଧାରଣଙ୍କ ଟିକସ ଅର୍ଥ କିଭଳି ବରବାଦ ହେଉଛି ଏବଂ ଗାନ୍ଧୀଙ୍କ ସ୍ୱପ୍ନ କେମିତି ମାଟିରେ ମିଶୁଛି ତାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ ଓ ଗ୍ରାମ୍ୟ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ୨୦୨୨-୨୦୨୩ ଆର୍ଥିକ ବର୍ଷର ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନରେ ଆବର୍ଜନା କୁଣ୍ଡ ମାନ ନିର୍ମାଣ କରାଯାଇଥିଲା। ଏଥିପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବା ସହ ଏହାର ସୁପରିଚାଳନା ପାଇଁ ନୀତିନିୟମ ସ୍ଥିର କରି ବ୍ଲକ ପ୍ରଶାସନକୁ ଦାୟିତ୍ୱ ଦେଇଛନ୍ତି। ହେଲେ ବ୍ଲକ ପ୍ରଶାସନ ଅବହେଳା ହେଉ ବା ଅପାରଗତା ପାଇଁ ସରକାରଙ୍କ ଏହି ସୁନ୍ଦର ଯୋଜନା କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହୋଇ ନ ପାରି ପଡିରହିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଆବର୍ଜନା କୁଣ୍ଡ କେଉଁଠି ନିର୍ମାଣ ପରଠାରୁ ତାଲା ପଡିଛି ତ ଅନ୍ୟ କେଉଁଠି ଉପର ଛପର ଉଡିଯିବା ସହ ତାର ଜାଲି ଭାଙ୍ଗିରୁଜି ଗଲାଣି। ଛୋଟ ଆବର୍ଜନା କୁଣ୍ଡରୁ ମାଷ୍ଟର ଅବର୍ଜନା କୁଣ୍ଡକୁ ଆବର୍ଜନା ପରିବହନ ପାଇଁ ଉଦ୍ଦିଷ୍ଟ ୩ ଚକିଆ ଟ୍ରଲି ପଞ୍ଚାୟତ ଗୋଦାମରେ ପଡି ଖତ ହୋଇଗଲାଣି। ଏତେ ସବୁ ପରେ ବି ବ୍ଲକ ପ୍ରଶାସନ ଚୁପ ରହିବା କାରଣ ଜଣାପଡୁନାହିଁ। ଏ ବିଷୟରେ କଣ୍ଟାପଡା ବ୍ଲକ ଗ୍ରାମ୍ୟ ଜଳ ଯୋଗଣ ଓ ପରିମଳ ବିଭାଗ ଯନ୍ତ୍ରୀ ଅଜୟ ମିଶ୍ରଙ୍କୁ ପଚାରିବାରୁ ଆବର୍ଜନା କୁଣ୍ଡ ପରି.ଳନା ଦାୟିତ୍ୱ ବ୍ଲକ ପ୍ରଶାସନର ବୋଲି କହିଥିଲେ। ନୂଆ କରି କଣ୍ଟାପଡା ବ୍ଲକରେ ଯୋଗଦେଇଥିବା ବିଡିଓ ସ୍ୱପ୍ନିତା ନାୟକଙ୍କ ପ୍ରତିକ୍ରିୟା ନେବାକୁ ବାରମ୍ବାର ତାଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ଫୋନ ଲାଗି ନ ଥିଲା। କଣ୍ଟାପଡା ସରପଞ୍ଚ ସଂଘ ସଭାପତି ତଥା ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟଙ୍କୁ ପଚାରିବାରୁ ଯୋଜନା ଖୁବ ସୁନ୍ଦର। ଏହି ଯୋଜନା ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଆର୍ଥିକକ୍ଷେତ୍ରରେ ସଶକ୍ତ ହୋଇପାରିବେ। ଏଥି ପାଇଁ ସରକାର ଟଙ୍କା ଯୋଗାଇ ଦେଇଛନ୍ତି, ବ୍ଲକରେ ଟଙ୍କା ପଡି ରହିଛି। ହେଲେ ବ୍ଲକ ପ୍ରଶାସନ କାହିଁକି ଓ କେଉଁ କାରଣ ପାଇଁ ନିଷ୍କ୍ରିୟ ହୋଇ ରହିଛି ସେ ବିଷୟରେ ମୁଁ କହିପାରିବି ନାହିଁ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କଣ୍ଟାପଡା ବ୍ଲକରେ ଅଧାପନ୍ତରିଆ ପଡିଥିବା ସରକାରଙ୍କ ଏହି ସୁନ୍ଦର ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।




# ବିଜୁ ଯୁବ ଛାତ୍ର ବିଜେଡି ସମାବେଶ

ବାଙ୍କୀ,୧୦।୪(ସମିସ)




ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ପଞ୍ଚାୟତର ମା'ଅରାଚଣ୍ଡୀ ଠାକୁରାଣୀ ପୀଠରେ ଯୁବ ଓ ଛାତ୍ର ବିଜେଡି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଆଗାମୀ ନିର୍ବାଚନରେ ଆମେ ସମସ୍ତେ ସଂକଳ୍ପ ନେଇ ବାଙ୍କୀ ବିକାଶକୁ ଶକ୍ତ କରିବା ସହ ଯେଉଁମାନେ ବାଙ୍କୀ ବିକାଶରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଆଗାମୀ ନିର୍ବାଚନ ରଣନୀତି ବିଷୟରେ କହିବା ସହ ସମସ୍ତେ ବିଜୁ ଜନତା ଦଳ କର୍ମୀମାନେ ଏକାଠି ହୋଇ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବହୁ ବ୍ୟବଧାନ ଭୋଟରେ ଜିତାଇବା ପାଇଁ ଯୁବ ଏବଂ ଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକର ଯୁବ ବିଜେଡି ସଭାପତି ତଥା ଯୁବନେତା ଭାଗୀରଥି ପାଣି ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ୩୮ ନଂ ଜିଲ୍ଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, କେନ୍ଦ୍ରୀୟ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ଉପନଗରପାଳ ସନ୍ତୋଷ ରଣା, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ସନାତନ ବେହେରା, ମହିଳା ବିଜେଡି ସଭାପତି ଲିଲି ବେହେରା, ସୁବାସ ଚନ୍ଦ୍ର ପାଢୀ, ଛାତ୍ର ବିଜେଡି ସଭାପତି ଗୋ÷ରବ ବଳିୟାର ସିଂହ, ବିଜେଡି ନେତା ଅଜିତ୍ ଜେନା, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ନଗର ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, କାଉନସିଲର ପଠାଣୀ ବେହେରା ପ୍ରଭୃତି ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଏଥିରେ ୨ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଏବଂ ଯୁବ ବିଜେଡିର କର୍ମୀମାନେ ଯୋଗଦାନ କରିଥିଲେ। ଏହି ସମାବେଶରେ ଗୋପାଳପୁର ପଞ୍ଚାୟତର ସୁଶାନ୍ତ ସିଂହ, ଆଲୋକ ସାହୁ, ମନୋଜ ପଣ୍ଡା, ରାକେଶ ସିଂ, ଗୋପୀ ସିଂ, ଧିରେନ୍ଦ୍ର ନାଥ ସାହୁ, ପ୍ରକାଶଚନ୍ଦ୍ର ରଣା ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ସମସ୍ତଙ୍କୁ ବିଧାୟକ ଶ୍ରୀ ତ୍ରିପାଠୀ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ଗୋପାଳପୁର ପଞ୍ଚାୟତରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ପ୍ରକାଶ କରିଥିଲେ। କୁଶୁପଙ୍ଗି ପଞ୍ଚାୟତର ସରପଞ୍ଚ ନରେଶ ବେଉରା ଧନ୍ୟବାଦ ଦେଇଥିଲେ।

## ଶଗଡ଼ାଇଲୋ ସରପଞ୍ଚଙ୍କ ପଦ ଅସିଦ୍ଧ ଘୋଷଣା ଘଟଣା

# ପ୍ରତିପକ୍ଷଙ୍କୁ ମହଲତଦେଲେ ଜିଲ୍ଲା ଅଦାଲତ

ନିଆଳି,୧୦।୪(ସମିସ): ନିଆଳି ବ୍ଲକ୍ ଅନ୍ତର୍ଗତ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ଶଗଡ଼ାଇଲୋ ପଞ୍ଚାୟତର ସରପଞ୍ଚ ସବିତା ମହାନ୍ତିଙ୍କ ପଦ ଅସିଦ୍ଧ ଘୋଷଣା ଘଟଣାରେ ପ୍ରତିପକ୍ଷ ଜିଲ୍ଲା ଅଦାଲତଙ୍କ ନିକଟରେ ମହଲତ ପାଇଁ ପ୍ରାର୍ଥନା କରିଥିବା ବେଳେ ମାନ୍ୟବର ଅଦାଲତ ଏହି ପ୍ରାର୍ଥନାକୁ ମଞ୍ଜୁର କରି ମହଲତ ଦେଇଥିବା ଜଣାଯାଇଛି। ସରପଞ୍ଚ ସବିତା ମହାନ୍ତିଙ୍କ ପକ୍ଷରୁ ଓକିଲ ବିଭିନ୍ନ କାରଣ ଦର୍ଶାଇ ଜିଲ୍ଲା କୋର୍ଟରେ ମାମଲା କରି ମହଲତ ପାଇଁ ପ୍ରାର୍ଥନା କରିଥିଲେ। ଜିଲ୍ଲା କୋର୍ଟ ତା.୪.୪.୨୦୨୪ରିଖରେ ପ୍ରାର୍ଥନାକୁ ମଞ୍ଜୁର କରି ମହଲତର ଶୁଣାଣି କରିଥିଲେ। ଆସନ୍ତା ତା.୩.୫.୨୦୨୪ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଥିବା ବେଳେ ଆସନ୍ତା ଅଧାଦେଶ ପର୍ଯ୍ୟନ୍ତ ପୁନଃ ନିର୍ବାଚନ ନ କରିବା ପାଇଁ ଉକ୍ତ ପଞ୍ଚାୟତର ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧାଦେଶ ପର୍ଯ୍ୟନ୍ତ ଅଭିଯୋଗକାରୀ ଗ୍ରାମପଞ୍ଚାୟତରେ ବିଡିଓ ନିଆଳିଙ୍କ ସହିତ କୌଣସି ଆର୍ଥିକ ଅଧାଦେଶ କରିବା ପାଇଁ ରୋକ ଲାଗିବା ସହ ସରପଞ୍ଚ ଉକ୍ତ ପଞ୍ଚାୟତର ଦୈନନ୍ଦିନ ଆବଶ୍ୟକତା କାର୍ଯ୍ୟ କରିବେ ବୋଲି ଆଦେଶ ଦିଆଯାଇଛି। ପ୍ରକାଶଥାଉକି ସରପଞ୍ଚ ସବିତା ମହାନ୍ତି ଅନିୟମିତତା ଭାବେ ବିଜୟୀ ହୋଇଥିବା ନେଇ ତାଙ୍କ ପଦକୁ ଚ୍ୟାଲେଞ୍ଜ କରି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଇଲେକ୍ସନ ମିସ୍ କେସ୍ ନମ୍ବର ୪/୨୦୨୨ରେ ମାମଲା ରୁଜୁ କରିଥିବା ବେଳେ ନିଆଳି ସିଭିଲ୍ କୋର୍ଟ ଏହି ମାମଲାର ଶୁଣାଣି କରି ସରପଞ୍ଚ ପଦକୁ ଅସିଦ୍ଧ ଘୋଷଣା କରିବା ସହ ପୁନଃ ନିର୍ବାଚନ ପାଇଁ ଆଦେଶ ଦେଇଥିଲେ।

# ବୈଶ୍ୟ ସମାଜର ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ

**ନିଶ୍ଚିନ୍ତକୋଇଲି,୧୦।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣା ସ୍ଥିତ ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଏଲ.ଏନ୍ ପୁଟୁଳୀ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ମଣ୍ଡଳରୁ ୨ଶହରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ ଓ ମେଧାବୀ ଛାତ୍ରଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ରଶ୍ମୀକାନ୍ତ ସାହୁଙ୍କ ପୌରହିତ୍ୟରେ



ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ପୁଟୁଳୀ ବୈଶ୍ୟ ସମାଜର ସଭାପତି ରଘୁନାଥ ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି କୈଳାସଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ନୃସିଂହପ୍ରସାଦ ସାହୁ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ପୃଷ୍ଟି, କାର୍ଯ୍ୟକାରିଣୀ ସଭ୍ୟ ରାଧାକାନ୍ତ ସାହୁ, ଜଗତ୍ ନାୟକ, ଜିଲ୍ଲା ସଂଯୋଜକ ଅଜିତ୍ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଲଏନ୍ ବୈଶ୍ୟ ସମାଜର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ରଶ୍ମିକାନ୍ତ ସାହୁ, ଉପସଭାପତି ଭାବେ ଗୋବର୍ଦ୍ଧନ ନାୟକ, ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ, ସଂଗଠନ ସମ୍ପାଦକ ଭାବେ ସୁଶାନ୍ତ କୁମାର ପୃଷ୍ଟି, ଯୁଗ୍ମ ସମ୍ପାଦକ ଭାବେ ଶ୍ରୀନିବାସ ପୃଷ୍ଟି, କୋଷାଧ୍ୟକ୍ଷ ଭାବେ ଅଶୋକ ସାହୁ, ଅଡ଼ିଟର ଭାବେ ହରିହର ସାହୁ ଏବଂ କାର୍ଯ୍ୟକାରିଣୀ ସଭ୍ୟ ଭାବେ ରମେଶ ପୃଷ୍ଟି ଏବଂ ଗଣେଶ ସାହୁଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ସେହିପରି ମହିଳା ଶାଖାର କର୍ମକର୍ତ୍ତା ଭାବେ ସସ୍ମିତା ନାୟକ ଓ ସ୍ନେହମୟୀ ସାହୁଙ୍କୁ ମଧ୍ୟ ମନୋନୀତ କରାଯାଇଛି।

# ନିଆଳିରେ ଚତୁର୍ଥ ଥର ବିଜୟ ଲକ୍ଷ୍ୟରେ ପ୍ରମୋଦ

ନିଆଳି,୧୦।୪(ସମିସ)

### ଅବ୍ୟାହତ ରହିବ ବିଜେଡିର ବିଜୟଧାରା



ସାରାରାଜ୍ୟରେ ସାଧାରଣ ନିର୍ବାଚନ ସହ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ଶେଷ ପର୍ଯ୍ୟାୟ ତଥା ଜୁନ୍ ୧ ତାରିଖରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସଜବାଜ ଆରମ୍ଭ ହୋଇଥିବା ବେଳେ ନିଆଳିରେ ବିଜୁ ଜନତା ଦଳ ତାର ବିଜୟଧାରା ଅବ୍ୟାହତ ରଖିବ ବୋଲି ଭୋଟରଙ୍କ ମଧ୍ୟରେ ଆଲୋଚନା ହେଉଛି। ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କୁ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଭାବେ ବିଜେଡି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଘୋଷଣା କରିସାରିଛି। ଦଳର ମୁଖ୍ୟ ନବୀନ ପଟ୍ଟନାୟକ ପୁଣି ଥରେ ଚତୁର୍ଥ ଥର ପାଇଁ ଡାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ବେଳେ ବିରୋଧିଙ୍କୁ ଚକମା ଦେଖାଇ ବିଜେଡିର ବିକାଶ ସ୍ରୋତରେ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ପୁଣି ଚତୁର୍ଥ ଥର ଭାବେ ନିଆଳିରୁ ଏକ ବଡ଼ ବ୍ୟବଧାନରେ ବିଜୟୀ ହୋଇ ବିଧାୟକ ହେବା ସହ ନିଆଳିରେ ରେକର୍ଡ ସୃଷ୍ଟି କରିବେ ବୋଲି ମତ ପ୍ରକାଶ ପାଉଛି। ପ୍ରମୋଦଙ୍କ ବିରୋଧରେ ନିଆଳିରେ ବିରୋଧି ବିଜେପି ଓ କଂଗ୍ରେସ ଧୂଳି ଚାଟିବେ ବୋଲି ଆକଳନ କରାଯାଉଛି। ବିଶେଷକରି ପ୍ରମୋଦ ମଲ୍ଲିକଙ୍କର ଲୋକପ୍ରିୟତା ଓ ମୁଖ୍ୟମନ୍ତ୍ରୀଙ୍କର ବିକାଶଧାରା ଉପରେ ବିଶ୍ୱାସକୁ ପାଥେୟ କରି ନିଆଳି ନିର୍ବାଚନ ମଣ୍ଡଳୀର ଭୋଟରମାନେ ପ୍ରମୋଦଙ୍କୁ ବଡ଼ ବ୍ୟବଧାନରେ ବିଜୟକୁ ହାତଛଡ଼ା କରିବେ ନାହିଁ ବୋଲି ଭୋଟରମାନେ ଶପଥ ନେଇଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀରେ ଗତ ୨୦୦୯ ବିଧାନସଭା ନିର୍ବାଚନରେ ବିଜେଡିର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଶତକଡ଼ା ୬୫.୪୫ ହାରରେ ମୋଟ ୯୦ହଜାର ୫୮ଖଣ୍ଡ ଭୋଟ ପାଇ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସରୁ ଆର୍ତ୍ତତ୍ରାଣ ମଲ୍ଲିକ ଶତକଡ଼ା ୨୮.୮୮ ହାରରେ ୪୦ହଜାର ୫ଖଣ୍ଡ ଭୋଟ ପାଇଥିଲେ। ସେହିପରି ବିଜେପିରୁ ସୁଶାନ୍ତ ମଲ୍ଲିକ ଶତକଡ଼ା ୩.୫୫ହାରରେ ୪ହଜାର ୯୨୧ଖଣ୍ଡ ଭୋଟ ପାଇଥିଲେ। ୨୦୧୪ ବିଧାନସଭା ନିର୍ବାଚନରେ ବିଜେଡିର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଶତକଡ଼ା ୫୩.୨୭ ହାରରେ ୮୮ହଜାର ୧୧୯ଖଣ୍ଡ ଭୋଟ ପାଇ ପୁଣିଥରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସରୁ ଛବି ମଲ୍ଲିକ ଶତକଡ଼ା ୩୭.୬୭ହାରରେ ୬୨ ହଜାର ୩୧୦ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ବିଜେପିରୁ ପୁଣି ସୁଶାନ୍ତ କୁମାର ମଲ୍ଲିକ ପ୍ରାର୍ଥୀ ହୋଇ ଶତକଡ଼ା ୭.୧୫ହାରରେ ୧୧ହଜାର ୮୩୧ଖଣ୍ଡ ଭୋଟ ପାଇଥିଲେ। ଗତ ୨୦୧୯ ନିର୍ବାଚନରେ ଶାସକ ଦଳରୁ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଶତକଡ଼ା ୫୩.୬୫ ହାରରେ ମୋଟ ୯୪ହଜାର ୧୩ଖଣ୍ଡ ଭୋଟ ପାଇ ୩ୟ ଥର ପାଇଁ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜେପିରୁ ଛବି ମଲ୍ଲିକ ପ୍ରାର୍ଥୀ ହୋଇ ଶତକଡ଼ା ୩୭.୮୪ ହାରରେ ମୋଟ ୬୬ ହଜାର ୩୧୦ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଓ କଂଗ୍ରେସରୁ ମମତା ଭୋଇ ପ୍ରାର୍ଥୀ ହୋଇ ଶତକଡ଼ା ୭.୨୨ହାରରେ ୧୨ହଜାର ୬୫୯ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଗତ ୩ଟି ବିଧାନସଭା ନିର୍ବାଚନକୁ ଦେଖିଲେ ଶାସକ ବିଜେଡ଼ି ଦଳ ତାର ଭୋଟ ବ୍ୟାଙ୍କ ସୁରକ୍ଷିତ ରଖିଥିବା ବେଳେ ଚଳିତ ନିର୍ବାଚନରେ ବିଜେଡି ପୁଣି ବାଜିମାତ୍ କରିବା ନିଶ୍ଚିତ ବୋଲି ରାଜନୈତିକ ବିଶାରଦ ମାନେ ଆଲୋଚନା କରୁଛନ୍ତି।

# ବୁଥ୍‌ସ୍ତରୀୟ ନିର୍ବାଚନ ପ୍ରସ୍ତୁତି ବୈଠକ



**ଚୌଦ୍ୱାର,୧୦।୪(ସମିସ):** ଚୌଦ୍ୱାର ପୌରପାଳିକା ୧୭ନମ୍ବର ୱାର୍ଡ଼ରେ ବୁଥସ୍ତରୀୟ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଜେଡିର ୱାର୍ଡ ପର୍ଯ୍ୟବେକ୍ଷକ ବିଭୁତି ଭୂଷଣ ବେହେରା ଯୋଗଦେଇ ଆଗାମୀ ନିର୍ବାଚନରେ ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ଉତ୍ତମ ଜନସମ୍ପର୍କ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଥିଲେ। ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ଗିରିଧାରୀ ଦଳେଇ, ଭାସ୍କର ଚନ୍ଦ୍ର ପ୍ରଧାନ, ସୁବାସ ଚନ୍ଦ୍ର ବାରିକ, ଅମୂଲ୍ୟ ବେହେରା, ରଘୁନାଥ ସ୍ୱାଇଁ, ସ୍ନିଗ୍ଧା ଶର୍ମା, ସୁଜାତା ରଥ, ମାମିନା ରାଉତଙ୍କ ସମେତ ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଭିନ୍ନକ୍ଷମଙ୍କୁ ଟ୍ରାଇସାଇକଲ ପ୍ରଦାନ

**ନିଶ୍ଚିନ୍ତକୋଇଲି,୧୦।୪(ସମିସ):** ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କୋଲଣପୁର ପଞ୍ଚାୟତର ୮୦% ଭିନ୍ନକ୍ଷମ ବ୍ୟକ୍ତି ଅଶୋକ କୁମାର ନାୟକଙ୍କୁ ଏକ ଜରୁରୀକାଳୀନ ବ୍ୟବସ୍ଥାରେ ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି। ସରପଞ୍ଚ ଗୋପବନ୍ଧୁ ସେଠୀଙ୍କ ଅନୁରୋଧକ୍ରମେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ଦ୍ୱାରା ସମ୍ପୃକ୍ତ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



■ ଶ୍ରୀ ସିମେଣ୍ଟ କମ୍ପାନୀରେ ଦୁର୍ଘଟଣା

# ଟ୍ରକ୍ ଚାପାରେ ଠିକା ଶ୍ରମିକଙ୍କ ମୃତ୍ୟୁ

**ଆଠଗଡ଼, ୧୦।୪(ସମିସ):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଗରିଆପାଟ ଠାରେ ଥିବା ଶ୍ରୀ ସିମେଣ୍ଟ କମ୍ପାନୀରେ ଦୁର୍ଘଟଣା ଘଟି ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନରେ ଶ୍ରୀ ସିମେଣ୍ଟ କମ୍ପାନୀକୁ ସିମେଣ୍ଟର କଞ୍ଚାମାଲ ନେଇ ଆସିଥିବା ଏକ ଟ୍ରକ ମାଲ ଖଲାସ କରି ପଛକୁ

● କ୍ଷତିପୂରଣ ଦାବିରେ କମ୍ପାନୀ ଫାଟକ ଆଗରେ ଧାରଣା

ଫେରୁଥିବା ସମୟରେ ଡାଳଭାଗ ଗ୍ରାମର ଦିବାକର ପ୍ରଧାନ (୪୮)ଙ୍କ ଉପରେ ଭୁଲବଶତଃ ଗାଡ଼ି ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିବା ଦିବାକରଙ୍କୁ କମ୍ପାନୀର ଆମ୍ବୁଲାନ୍ସରେ ଡ୍ରାଇଭର ନ ଥିବାରୁ ସୁରକ୍ଷାକର୍ମୀ କଟକର ଏକ ଘରୋଇ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତକାଲି ବିଳମ୍ବିତ ରାତିରେ ମୃତ୍ୟୁ ହୋଇ ଯାଇଥିବା ଜଣାପଡ଼ିଛି। ଆଜି ସକାଳୁ ମୃତକଙ୍କ ପରିବାର ସହିତ ଗ୍ରାମବାସୀ ଏବଂ କମ୍ପାନୀର କର୍ମଚାରୀମାନେ କ୍ଷତିପୂରଣ ଦାବିରେ କମ୍ପାନୀ ଫାଟକ ଆଗରେ ଧାରଣା ଦେଇଥିଲେ। ଖବର ପାଇ ଖୁଣ୍ଟୁଣୀ ପୁଲିସ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ। ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଠଗଡ଼ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ଶ୍ରମିକ ସଂଗଠନର କର୍ମକର୍ତ୍ତା, ପୁଲିସ ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷ ଏଜିଏମ ପ୍ରଦୀପ କୁମାର ଭୋଇ ଠିକା ସଂସ୍ଥା ଜୟ ମା' ଦୁର୍ଗା ଇଞ୍ଜିନିୟରିଂ କର୍ମକର୍ତ୍ତାଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ପରେ କ୍ଷତିପୂରଣ ବାବଦକୁ ଶବଦାହ ପାଇଁ ତୁରନ୍ତ ୫୦ ହଜାର ଟଙ୍କା ଦେବା ସହ କିଛି ଦିନ ମଧ୍ୟରେ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାଛଡା ସେହି କମ୍ପାନୀରେ କାମ କରୁଥିବା ମୃତକଙ୍କ ପୁଅକୁ ସ୍ଥାୟୀ ନିଯୁକ୍ତି ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଘଟଣାପରେ କମ୍ପାନୀ ଭିତରେ ଉଡୁଥିବା ପାଉଁଶ ଧୂଳି ଧୂଆଁ ଯୋଗୁଁ କାମ କରୁଥିବା ଠିକା ଶ୍ରମିକମାନେ ଶ୍ୱାସରୁଦ୍ଧ ଭଳି ଅବସ୍ଥାରେ ଅଣନିଃଶ୍ୱାସୀ ହୋଇ କାମ କରୁଥିବା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି ବୋଲି ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ୍ୟୁ ଘଟଣା

# ଏତଲାରୁ ଯନ୍ତ୍ରୀ, ଠିକାଦାର ଓ ମାଟିମାଫିଆଙ୍କ ନାଁ କାଟିଦେଲା ପୁଲିସ

**ମାହାଙ୍ଗା, ୧୦।୪(ସମିସ)**

ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର (ଚୁଙ୍ଗୁଡିଆ ମୁହଁ) ଗ୍ରାମରେ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଏକ କୋମଳମତୀ ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଘଟଣାର ତିନି ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ ନ କରିବା ସହ

● ଅଞ୍ଚଳବାସୀଙ୍କ ଧାରଣା ଓ ଥାନାରେ ହଙ୍ଗାମା

ଅଭିଯୋଗରୁ ଠିକାଦାର, ଯନ୍ତ୍ରୀ ଓ ମାଟି ବ୍ୟବସାୟୀଙ୍କ ନାମ କାଟିଦେବାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକମାନେ ଥାନା ସମ୍ମୁଖରେ ଟାୟାର ଜାଳି ଧାରଣା ଦେବା ସହ ଥାନା ଭିତରେ ଧସେଇ ପଶି ହୋ ହାଲ୍ଲା କରିଥିଲେ।

ପ୍ରକାଶ ଯେ, ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର-ହଳଧରପୁରକୁ ସଂଯୋଗ କରୁଥିବା ଚୁଙ୍ଗୁଡିଆମୁହଁ ପାଟ ନାଳୀ ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ଉକ୍ତ ସେତୁ ସ୍ଥଳରୁ ସମ୍ପୃକ୍ତ ଠିକାଦାରଙ୍କ ଜ୍ଞାତସାରରେ ପ୍ରତିଦିନ ବେଆଇନ ଭାବେ ମାଟି ତଡାଯାଇ ବାହାରେ ବିକ୍ରି କରାଯାଉଥିବା ନେଇ ବାରମ୍ବାର ବିଭାଗୀୟ



ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲେ ବି ଖଣିଜସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ଫଳସ୍ୱରୂପ ଉକ୍ତ ନିର୍ମାଣ ସ୍ଥଳରୁ ଠିକାଦାରଙ୍କ ଜେସିବି ସାହାଯ୍ୟରେ ମାଟି ତଡାଯାଇ ଟ୍ରାକ୍ଟର ଯୋଗେ ସ୍ଥାନୀୟ ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କୁ ଚୋରାରେ ବିକ୍ରି କରୁଥିଲେ। ତେବେ ଚୁଙ୍ଗୁଡିଆ ମୁହଁ ଗ୍ରାମର ପ୍ରଦୀପ୍ତ ବେହେରାଙ୍କ ସାନ ପୁଅ ପୀୟୁଷ (୩) ଘର ନିକଟରେ ଖେଳୁଥିବାବେଳେ ଏହି ବେଆଇନ ମାଟି ବୋଝେଇ ଟ୍ରାକ୍ଟର ପୀୟୁଷକୁ ଧକ୍କା ଦେଇ ସେଠାରୁ ପଳାଇ ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଗୁରୁତର ଅବସ୍ଥାରେ ପୀୟୁଷକୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଉଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଭଦ୍ରେଶ୍ୱର ପୁଲିସ ନିଶ୍ଚିନ୍ତକୋଇଲି ମେଡିକାଲରେ ପହଞ୍ଚି ଶିଶୁଟିର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇବା ସହ ଦୁର୍ଘଟଣା ସ୍ଥଳରେ ତଦନ୍ତ କରି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିବା ସହ ଥାନାରେ ଅଟକ ରଖିଥିଲେ। ଏ ନେଇ ପରିବାର ପକ୍ଷରୁ ସମ୍ପୃକ୍ତ ଟ୍ରାକ୍ଟର ଚାଳକ ଜିତେନ୍ଦ୍ର ସିଂହ, ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶିନୀ ଜେନା, ସମ୍ପୃକ୍ତ ଠିକାଦାର କମଳ ଦାସ, ମାଟି ମାଫିଆ ପ୍ରଶାନ୍ତ ବେହେରା ପ୍ରମୁଖଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରା ନ ଯାଇ କେବଳ ଟ୍ରାକ୍ଟର ଡ୍ରାଇଭରଙ୍କ ନାମରେ ମାମଲା ରୁଜୁ କରିବା ଏବଂ ଏତେଲାରେ ନାମ ଥିବା ସମ୍ପୃକ୍ତ ଯନ୍ତ୍ରୀ, ଠିକାଦାର ଓ ମାଟି ମାଫିଆଙ୍କ ନାମ କାଟିଦେବା ପ୍ରତିବାଦରେ ଆଜି ସ୍ଥାନୀୟ ଲୋକେ ମାହାଙ୍ଗା-କଟିକଟା ପୂର୍ତ୍ତ ବିଭାଗ ରାସ୍ତାର ଭଦ୍ରେଶ୍ୱର ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରି ଥାନା ଅଧିକାରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଥାନା ଭିତରକୁ ଧସେଇ ପଶି ହୋ ହାଲ୍ଲା କରିଥିଲେ। ଖବର ପାଇ ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ମାହାଙ୍ଗା ଥାନା ଆଇଆଇସି ବିଜୟ ମଲ୍ଲିକ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗୋଳ କିଶୋର ଦାସ ଏବଂ ମାହାଙ୍ଗା ଥାନା ଏସ୍‌ଆଇ ଇପ୍ସିତା ପ୍ରିୟଦର୍ଶିନୀ, ଏଏସ୍‌ଆଇ ସଂଗ୍ରାମ ସିଂହ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଆସନ୍ତା ୪ ଦିନ ଭିତରେ ଯେଉଁମାନଙ୍କ ନାମରେ ଅଭିଯୋଗ ହୋଇଛି ତାହାର ତଦନ୍ତ କରାଯାଇ ଯଦି ସେମାନେ ସମ୍ପୃକ୍ତ ଥାନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଖୁବ୍ ଶୀଘ୍ର ସମ୍ପୃକ୍ତ ଟ୍ରାକ୍ଟର ଡ୍ରାଇଭରକୁ ଗିରଫ କରାଯିବ ବୋଲି କହିବା ପରେ ଧାରଣାକାରୀମାନେ ଧାରଣାସ୍ଥଳରୁ ହଟିଥିଲେ।

## କଳାପଥର ପଞ୍ଚାୟତରେ ବିଜେଡିର ମିଶ୍ରଣପର୍ବ



**ବାଙ୍କୀ, ୧୦।୪(ସମିସ):** କଳାପଥର ପଞ୍ଚାୟତର ପର୍ଶୁରାମପୁର ଓ ମଧୁଆପଲ୍ଲୀ ପାଟଣା ଗ୍ରାମର ଲକ୍ଷ୍ମୀଧର ବେହେରା, ପ୍ରକାଶ ବେହେରା, ବାସୁଦେବ ଭୋଇ, ସମୀର ବେହେରା, ପାର୍ଥ ବେହେରା ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସ୍ଥାନୀୟ ନେତା କାଳନ୍ଦୀ ବେହେରା, ସିଦ୍ଧେଶ୍ୱର ଭୋଇ, କୁଳମଣି ଜେନା, ମଙ୍ଗୁଳି ସାହୁ, ମନୋରଞ୍ଜନ ନାୟକ ପ୍ରଭୃତି ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ବିଜେଡିରେ ଯୋଗଦାନ କରିଥିବା ପ୍ରକାଶ କରିଛନ୍ତି।

## ମଦ ସହ ପୋଚ ନଷ୍ଟ

**ଆଠଗଡ଼, ୧୦।୪(ସମିସ):** ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡା ଗ୍ରାମରେ ଏକ ମିଳିତ ଚଢଉ କରାଯାଇ ବିପୁଳ ପରିମାଣର ମଦ ସହିତ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଭିରୁଡା ରେଙ୍ଗାଲି କେନାଲ ବନ୍ଧରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨୯୪୦ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୬୩୦୦ ଲିଟର ଗୁଡ଼ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଏ ବାବଦରେ ୪ଟି ମାମଲା ରୁଜୁ କରାଯାଇ ଛି। ଚଢଉରେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡର ମାଜିଷ୍ଟ୍ରେଟ ସନାତନ ବେହେରା, ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ନିମାଇଁ ଚରଣ ସିଂହ, କଟକ ଅବକାରୀ ଉପ ଅଧୀକ୍ଷକ ଅରୂପ ପାଣିଗ୍ରାହୀ, ଅବକାରୀ ନିରୀକ୍ଷକ ହେମନ୍ତ ମହାନନ୍ଦିଆଙ୍କ ସହିତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

# ବେଲଅଣ୍ଟା ଗୋଷ୍ଠୀ ସଂଘର୍ଷ ଘଟଣା: ଆଉ ଜଣେ ଗିରଫ

**ତିଗିରିଆ, ୧୦।୪(ସମିସ):** ଗତ ମାର୍ଚ୍ଚ ମାସ ୨୬ ତାରିଖ ପବିତ୍ର ହୋଲି ଉତ୍ସବ ଚାଲିଥିବା ବେଳେ ତିଗିରିଆ ଥାନା ଅନ୍ତର୍ଗତ ବେଲଅଣ୍ଟା ଗ୍ରାମରେ ସଂଗଠିତ ଗୋଷ୍ଠୀ ସଂଘର୍ଷ ମାମଲାରେ ଜଡିତ ଆଉ ଜଣେ ଅଭିଯୁକ୍ତକୁ ତିଗିରିଆ ପୁଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ବୁଧବାର ମଧ୍ୟାହ୍ନରେ ତିଗିରିଆ ଥାନା ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଗୋଲେଇ ଛକ ଠାରେ ଚଢଉ କରାଯାଇ ବେଲଅଣ୍ଟା ଗୋଷ୍ଠୀ ସଂଘର୍ଷ ମାମଲାର ଅନ୍ୟତମ ଅଭିଯୁକ୍ତ ବିକାଶ ମଲ୍ଲକୁ ଗିରଫ କରାଯାଇଥିବାର ତିଗିରିଆ ଥାନା ଆଇଆଇସି ଜ୍ଞାନ ରଞ୍ଜନ ସାମଲଙ୍କ ସୂତ୍ରରୁ ଖବର ମିଳିଛି। ଏଥିପୂର୍ବରୁ ଏହି ମାମଲାର ଜଡିତ ଅନ୍ୟତମ ଅଭିଯୁକ୍ତ ବିକ୍ରମ ମଲ୍ଲକୁ ଗିରଫ କରାଯାଇଥିବା ବେଳେ ଆଜି ଗିରଫ ଅଭିଯୁକ୍ତ ସହ ବେଲଅଣ୍ଟା ଗୋଷ୍ଠୀ ସଂଘର୍ଷ ମାମଲାରେ ଗିରଫ ସଂଖ୍ୟା ଦୁଇରେ ପହଞ୍ଚିଛି। ଏଠାରେ ସୁଚନାଯୋଗ୍ୟ ଯେ ହୋଲି ଦିନ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେଲଅଣ୍ଟା ଗ୍ରାମର ଦୁଇ ଗୋଷ୍ଠୀମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇ ଉଭୟ ଗୋଷ୍ଠୀର ୧୦ ଜଣ ଲୋକ ଆହତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ପ୍ରାଥମିକ ଚିକିତ୍ସା ପେର ୨ଜଣ ବ୍ୟକ୍ତିଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ବେଳେ ବଡଧରଣର ଅଘଟଣ ଆଶଙ୍କାରେ ପୁଲିସ ପକ୍ଷରୁ ଏହି ଗ୍ରାମରେ ଫୋର୍ସ ମୁତୟନ କରାଯାଇ ଘଟଣାର ଅନୁସନ୍ଧାନ ଜାରି ରହିଥିଲା।

# ବ୍ଲକ୍ ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଇଫ୍‌ତାର ପାର୍ଟି



**ସାଲେପୁର, ୧୦।୪(ସମିସ):** ସାଲେପୁର ବ୍ଲକ ବିଜେଡି ସଂଖ୍ୟାଲଘୁ ସେଲ୍‌ଫ ପକ୍ଷରୁ ପିକୋଳ ପଞ୍ଚାୟତ ସାଇଁପଡ଼ା ଗ୍ରାମର ମଦିଉଲ୍ ଉଲୁମ୍ ମଦ୍ରାସା ପରିସରରେ ଇଫ୍‌ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ସଂଖ୍ୟାଲଘୁ ସେଲ୍‌ଫ ସଭାପତି ସମିମ୍ ଅଖତରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଇଫତାର ପାର୍ଟିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ମୁସଲମାନ ଭାଇମାନଙ୍କୁ ଇଦ୍‌ର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସେକ୍ ଇସାକ୍ ଅଲ୍ଲୀ, ସେକ୍ ଆକ୍ରମ ଜମାଲ, ସେକ୍ ମୁସରଫ ଅଲ୍ଲୀ, ସେକ୍ ଆକରମ୍ କମାଲ, ସେକ୍ କାଲୋ, ଚାନୁ ଚା, ସେକ୍ ହଫିଜୁଲ୍ ଇସଲାମ, ସେକ୍ ସକିଲ ଅହମ୍ମଦ, ସେକ୍ ଗୟାସଉଦ୍ଦିନ, ସେକ୍ କମରୁଲ୍ ହକ, ସେକ୍ ମୋବାସା ହୋଡା, ଚନ୍ଦ୍ରାଦେଇପୁର ସୋସାଇଟିର ପୂର୍ବତନ ସଭାପତି ସେକ୍ ମାସୁମ୍ ତୟବ ଯୋଗଦେଇଥିବାବେଳେ ସାଲେପୁର ବ୍ଲକର ୩୫ଟି ପଞ୍ଚାୟତର ବିଜୁ ଜନତା ଦଳର ସଂଖ୍ୟାଲଘୁ ସେଲ୍‌ଫ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସେକ୍ ଆକରମ୍ ଅଲ୍ଲୀ, ସେକ୍ ଇସାଦ ଅଲ୍ଲୀ, ଅବଦୁଲ ବାହିଦ ଖାଁ, ସେକ୍ କରିମ୍, ସେକ୍ ମୁମ୍‌ତାଜ ଅଲ୍ଲୀ, ସେକ୍ ଚାନୁ, ସେକ୍ ଆଲେଇମରାନ, ସେକ୍ ମୁସ୍ତାଫିଜୁଲ ରହେମାନ, ସେକ୍ ଆଜମୁଲ୍ଲା, ସେକ୍ ଇଜାହାର ଅହମ୍ମଦ, ସେକ୍ ମେହେରବାନ୍ ଖାଁ, ସେକ୍ ରକିବ୍ ଖାଁ, ଗୋଲାମ ସବିରୁଲ ହକ୍, ସେକ୍ ନଦିର, ସେକ୍ ଫେଜନ୍ ଖାଁ ପ୍ରମୁଖ ଯୋଗଦେଇଥିଲେ।

● ଦିଅର ମାଡ଼ରେ ଭାଉଜ ମୃତ୍ୟୁ ଘଟଣା

# ଅଭିଯୁକ୍ତ ଦିଅର ଗିରଫ

**ଟାଙ୍ଗୀ, ୧୦।୪(ସମିସ):** ପାରିବାରିକ କଳହରୁ ଦିଅର ଶାବଳ ମାଡ଼ରେ ଭାଉଜ ମୃତ୍ୟୁବରଣ କରିବା ଓ ଝିଅାରୀ ଗୁରୁତର ହେବା ଘଟଣା ଟାଙ୍ଗୀ ଥାନା ନପଙ୍ଗ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଘଟଣାର ତଦନ୍ତ କରି ଟାଙ୍ଗୀ ପୁଲିସ ଅଭିଯୁକ୍ତ ଦିଅର ଜୟରାମ ଭୋଇ (୪୦)ଙ୍କୁ ଗିରଫ କରିଛି। କେସ୍ ନଂ-୮୯/୨୪ ଅନୁଯାୟୀ ହତ୍ୟା ମାମଲା ରୁଜୁ ପୂର୍ବକ ଅଭିଯୁକ୍ତକୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।



ପ୍ରକାଶ ଥାଉକି ନପଙ୍ଗ ଦଳିତ ବସ୍ତିର ମହେଶ୍ୱର ଭୋଇ ଓ ଜୟରାମ ଭୋଇଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ଗତ ସୋମବାର ଉଗ୍ରରୂପ ଧାରଣ କରିଥିଲା। ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିବାବେଳେ ଜୟରାମ ନିଜ ଭାଉଜ ମିନାରାଣୀ ଓ ନାବାଳିକା ଝିଅାରୀକୁ ଶାବଳରେ ଆକ୍ରମଣ କରିଥିଲେ। ଶାବଳ ମାଡ଼ରେ ଭାଉଜଙ୍କର ମୃତ୍ୟୁ ହୋଇଥିବା ବେଳେ ଓ ଝିଅାରୀ ଆହାତ ହୋଇଥିଲା। ଟାଙ୍ଗୀ ପୁଲିସ ମୃତଦେହ ଜବତ ପୂର୍ବକ ବ୍ୟବଚ୍ଛେଦ କରିଥିଲେ ହେଁ ଅଭିଯୁକ୍ତ ଜୟରାମ ଫେରାର ହୋଇଯାଇଥିଲା। ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ଉ କରି ଗ୍ରାମ ନିକଟସ୍ଥ ବିରୂପା ନଦୀ ପଠାରେ ଲୁଚିଥିବା ଜୟରାମକୁ ଗିରଫ କରିଥିଲେ।

# ଟାଙ୍ଗୀ ବିଜେଡି ପକ୍ଷରୁ ମହିଳା ସମାବେଶ




**ଟାଙ୍ଗୀ, ୧୦।୪(ସମିସ):** ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀ ଅଞ୍ଚଳର ୧୩ଟି ପଞ୍ଚାୟତରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଅନେକ ବିକାଶମୂଳକ କାମ କରିବା ସହ ମହିଳାଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିପାରିଛନ୍ତି। ଏଥି ପାଇଁ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଶ୍ରୀ ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରି ସାଲେପୁର ନିର୍ବାଚନ ମଣ୍ଡଳୀରେ ପୁନର୍ବାର ବିଧାୟକ ପ୍ରାର୍ଥୀ ଭାବେ ମନୋନୀତ କରିଛନ୍ତି। ଏହି ଉପଲକ୍ଷେ ମହିଳା ନେତ୍ରୀ ଅନୁରାଧା ନାୟକଙ୍କ ନେତୃତ୍ୱରେ କୋଟସାହି ମନ୍ଦିର ପରିସରରେ ୧୩ଟି ପଞ୍ଚାୟତର ମହିଳାଙ୍କୁ ନେଇ ଏକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରାଙ୍କୁ ମହିଳାମାନଙ୍କ ତରଫରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ସମାବେଶରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ଆମ୍‌ା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବନେତା ଆଶିଷ ଷଡଙ୍ଗୀ, ବନ୍ଦନା ପ୍ରଧାନ, ରୀତା ସ୍ୱାଇଁ ଓ ମମତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରିନେତ୍ର କଳାକୁଞ୍ଜର ଦୋଳ ଉତ୍ସବ

**ଚୌଦ୍ୱାର, ୧୦।୪(ସମିସ):** ସୁପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଶିକ୍ଷା ଅନୁଷ୍ଠାନ ତ୍ରିନେତ୍ର କଳାକୁଞ୍ଜ ଆନୁକୂଲ୍ୟରେ ଦୋଳଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଟିଏମ୍ କଲୋନୀସ୍ଥିତ ଚନ୍ଦନ ପଡ଼ିଆରେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ତ୍ରିଧାରର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଓଡ଼ିଶୀ ନୃତ୍ୟ ଗୁରୁ ମୁକ୍ତିଲତା ପାଲ, କଟକ ନୃତ୍ୟ ଉତ୍ସବ କମିଟି ସମ୍ପାଦକ ଦୀପେଶ ମହାପାତ୍ର, ବିଜୟଲକ୍ଷ୍ମୀ ମହାପାତ୍ର, ସମାଜସେବୀ ହିମାଂଶୁ ଶେଖର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡ଼ିଶାର ମୁଖ୍ୟ ନୃତ୍ୟ ଓ ସଙ୍ଗୀତ କଳା ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ଦିଗରେ ତ୍ରିନାଥ କଳାକୁଞ୍ଜର ନିଷ୍ଠାପର ପ୍ରୟାସକୁ ପ୍ରଶଂସା କରିଥିଲେ। କଳାକୁଞ୍ଜର ମୁଖ୍ୟ ଗୁରୁ ରମାକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସୁବ୍ରତ ସାମଲ, ପୂର୍ବତନ କାଉନସିଲର ମନୋଜ ମହାନ୍ତି, ଗୁରୁ ନିରଞ୍ଜନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଓ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ କିଶୋର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାନସ ଖୁଣ୍ଟିଆ, ରାଜକିଶୋର ନାୟକ, ଦିବାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାସ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ।

କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର

# ୧୭ରୁ ନୂତନ କୋଠାରେ ମିଳିବ ସେବା

**କଟକ, ୧୦।୪(ସମିସ)**

ଆସନ୍ତା ୧୭ରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ନୂତନ କୋଠା ଉଦ୍‌ଘାଟିତ ହେବ। କିଛି ମାସ ପୂର୍ବରୁ ଏହି କୋଠାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଛି। ବୋଷ କଲେଜ କ୍ୟାମ୍ପସ ପରିସରରେ ନୂତନ କୋଠା ରହିଛି। ଏପରିକି ରକ୍ତ ଭଣ୍ଡାର ଚାଲୁ କରିବା ନିମନ୍ତେ ଡ୍ରଗ୍ସ ଅଥରିଟି ପକ୍ଷରୁ ଲାଇସେନ୍ସ ମଧ୍ୟ ମିଳିଛି। ତେବେ ଦୀର୍ଘଦିନର ଅପେକ୍ଷା ପରେ ଏହାର ଉଦ୍‌ଘାଟନ ପାଇଁ ଏବେ ପ୍ରସ୍ତୁତ ହୋଇଛନ୍ତି ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ। ଏ ନେଇ ବୁଧବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ରକ୍ତଭଣ୍ଡାର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ ଉପସ୍ଥିତ ରହି ଏ ବାବଦରେ ବିସ୍ତୃତ ସୂଚନା ଦେଇଥିଲେ।

ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମେଡ଼ିକାଲ ଆଖପାଖ ଅଞ୍ଚଳର ରୂପରେଖ ବଦଳୁଛି। ତେବେ ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଅନେକ ବିଭାଗ ଓ କାର୍ଯ୍ୟାଳୟ ପର୍ଯ୍ୟାୟ କ୍ରମେ ସ୍ଥାନାନ୍ତର କରାଯିବ। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର କାର୍ଯ୍ୟାଳୟ ସ୍ଥାନାନ୍ତରିତ ହେବ। ଏଥି ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ନିର୍ଦ୍ଦେଶକ ଡାକ୍ତର ଦାସ କହିଥିଲେ ଯେ, ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ପୁରାତନ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର କୋଠାକୁ ଭଙ୍ଗା ଯାଇଛି। ସରକାରଙ୍କ ପକ୍ଷରୁ ନୂତନ କୋଠା ବୋଷ କ୍ୟାମ୍ପସ ନିକଟରେ ତିଆରି କରାଯାଇଛି। ପୂର୍ବରୁ ଏଠାରେ ସେମି ଅଟୋମେଟିକ ପ୍ରକ୍ରିୟାରେ କାର୍ଯ୍ୟ ହେଉଥିବା ଯୋଗୁଁ




ଅନେକ ତ୍ରୁଟି ପରିଲକ୍ଷିତ ହେଉଥିଲା। ହେଲେ ଏହି ନୂତନ ରକ୍ତ ଭଣ୍ଡାରରେ ଏବେ ସମ୍ପୂର୍ଣ୍ଣ ଅଟୋମେଟିକ୍ ଗ୍ରୁପିଂ ଓ କ୍ରସ୍‌ମ୍ୟାଚିଂ ମେସିନ ରଖାଯାଇଛି। ଫଳରେ ଜିରୋ ଏରର୍ ବା ବିନା ତ୍ରୁଟିରେ କାମ କରି ହେବ। ଏହାସହ ଇ-ରକ୍ତକୋଷ ପ୍ରୋଗ୍ରାମ କରାଯିବ। ଯାହାଦ୍ୱାରା କମ୍ପ୍ୟୁଟରାଇଜ ଓ ବାରକୋଡିଂ ଦ୍ୱାରା ରୋଗୀଙ୍କ ତଥ୍ୟ ରଖାଯିବ। କେଉଁ ଗ୍ରୁପ ଓ କେତେ ପରିମାଣର ରକ୍ତଦାତା ରକ୍ତ ଦେଉଛନ୍ତି ତାହା ମଧ୍ୟ ଜାଣିହେବ। ଏହାସହ ରକ୍ତଦାନ ସମୟ ହେବା ପୂର୍ବରୁ ରକ୍ତଦାତାଙ୍କୁ ରକ୍ତଦାନ ନିମନ୍ତେ ସୂଚନା ମିଳିପାରିବ। ସିଙ୍ଗିଲ ଡୋନର ପ୍ଲେଟ୍‌ଲେଟ୍ ମେସିନ କିଣାଯିବ। ଯେଉଁଥିରେ ୧୦ ହଜାର ୟୁନିଟ୍ ପ୍ଲେଟ୍‌ଲେଟ୍ ଯୋଗାଇ ହେବ ବୋଲି ସେ ସୂଚନା ଦେଇଥିଲେ।

ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏବେ ୪ଟି କ୍ଲିନିକାଲ କୋଠା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଖୁବଶୀଘ୍ର ଉକ୍ତ କୋଠାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମେଡିକାଲ ସନ୍ନିକଟ ରାସ୍ତାକୁ ଚଉଡା କରାଯିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଯେଉଁଥିପାଇଁ ମଙ୍ଗଳାବାଗ ଥାନା ଠାରୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ପର୍ଯ୍ୟନ୍ତ ଉଚ୍ଛେଦ କରାଯିବ। ଏହା ଭିତରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର କୋଠା ମଧ୍ୟ ଭାଙ୍ଗିବ। ବୋଷ କ୍ୟାମ୍ପସ ପରିସରରେ ରେଡକ୍ରସର ନୂତନ କୋଠା ନିର୍ମାଣ କରାଯାଇଛି। ୩ ହଜାର ୩୦୦ବର୍ଗଫୁଟ ଅଞ୍ଚଳରେ ନୂତନ କୋଠା ତିଆରି ହୋଇଛି। ଦୁଇ ମହଲା ବିଶିଷ୍ଟ କେନ୍ଦ୍ରୀୟ ରେଡକ୍ରସର ନୂତନ କୋଠାରେ ଥାଲାସେମିଆ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡେ କେୟାର ସେଣ୍ଟର ମଧ୍ୟ ଖୋଲାଯାଇଛି। ଅନେକ ନୂତନ ଅତ୍ୟାଧୁନିକ ମେସିନ ଅଣାଯାଇଛି। ରେଡକ୍ରସ କାର୍ଯ୍ୟାଳୟର ଅଧିକାରୀଙ୍କ ସୂଚନା ଅନୁସାରେ, ୬୦୦ରୁ ଅଧିକ ଥାଲାସେମିଆ ରୋଗୀ ପଞ୍ଜୀକରଣ କରିଛନ୍ତି। ପ୍ରତ୍ୟେକ ରୋଗୀ ଅତିକମ୍‌ରେ ମାସକୁ ୩ଥର ଏଠାକୁ ଆସି ରକ୍ତ ସଂଗ୍ରହ କରୁଛନ୍ତି। ଥାଲାସେମିଆ ରୋଗୀଙ୍କୁ ନିଃଶୁଳ୍କରେ ରକ୍ତ ୟୁନିଟ ପ୍ରଦାନ କରାଯାଉଛି। ଥାଲାସେମିଆ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏକ ଡେ କେୟାର ୟୁନିଟ ଖୋଲିଛି। ଏହି ସାମ୍ବାଦିକ ସମ୍ମିଳନୀରେ ମେଡିକାଲ ଅଫିସର ରଘୁନାଥ ବେହେରା, ରକ୍ତଭଣ୍ଡାର ଆୱାରନେସ କମିଟି ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ, ଆକାଉଣ୍ଟସ ମୁଖ୍ୟ ସରୋଜ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ପକ୍କା ରାସ୍ତା ଓ ଷ୍ଟାଫ କ୍ୱାର୍ଟର୍ସ ଦାବି

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଏ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର। ଏସ୍‌ସିବି ମେଡିକାଲ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ, ଶିଶୁଭବନ ଠାରୁ ଆରମ୍ଭ କରି ସହରର ଶହଶହ ଘରୋଇ ହସ୍ପିଟାଲରେ ରକ୍ତ ସଙ୍କଟ ଦୂର କରେ। ଏହାର ନୂତନ କୋଠା ନିର୍ମାଣ ହୋଇଛି, କିନ୍ତୁ ଏ ପର୍ଯ୍ୟନ୍ତ ଉକ୍ତ କୋଠାକୁ ଯାତାୟତ ନିମନ୍ତେ ସୁବିଧା ନାହିଁ। ରିଂ ବନ୍ଧରୁ ରକ୍ତଭଣ୍ଡାରକୁ ଏକ ପକ୍କା ରାସ୍ତା ନିର୍ମାଣ କରିବାକୁ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ଦାବି କରିଛନ୍ତି। ସେହିପରି ଏଠାରେ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯାଏ। ହେଲେ କର୍ମଚାରୀଙ୍କ ରହଣୀ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଏହି ପରିପ୍ରେକ୍ଷୀରେ ରକ୍ତ ଭଣ୍ଡାର କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରିବାକୁ ଦାବି ଉଠିଛି।

